ବର୍ଷ-୨୫, ସଂଖ୍ୟା-୧୭୬
ଭୁବନେଶ୍ୱର
୦୧, ଜୁଲାଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 176
Bhubaneswar
01, July, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବିଏମ୍‌ସି ଅଫିସ ଭିତରେ ଅତିରିକ୍ତ କମିଶନରଙ୍କୁ ମାଡ଼ ପରେ ହଙ୍ଗାମା

**ଭୁବନେଶ୍ୱର,୩୦।୬(ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର କାର୍ଯ୍ୟରତ ଅତିରିକ୍ତ କମିଶନର ବରିଷ୍ଠ ଓଏଏସ୍ ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଆକ୍ରମଣ ଘଟଣାରେ ପୁଲିସ ଜଣେ କର୍ପୋରେଟରଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରିଥିବାବେଳେ ଏହାପଛରେ ଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବିରେ ବିଜେଡି ପକ୍ଷରୁ ଜନପଥରେ ରାସ୍ତାରୋକ ହୋଇଥିଲା। ପୁଲିସ ସହ ଧସ୍ତାଧସ୍ତି ପରେ ବିଜେଡି କର୍ମୀମାନଙ୍କୁ ପୁଲିସ ସେଠାରୁ ଉଠାଇ ନେଇଛି ଓ ରାସ୍ତା ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ସୋମବାର କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ସମୟରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କିଛି ଅଜ୍ଞାତ ବ୍ୟକ୍ତି ଆକ୍ରମଣ କରିଥିଲେ। ଏନେଇ ସମ୍ପୃକ୍ତ ଅଧିକାରୀ ଖାରବେଳ ନଗର ଥାନାରେ ଅଭିଯୋଗ କରିଥିଲେ। ରୁଜୁ ହୋଇଥିବା ଏଫଆଇଆର ଅନୁଯାୟୀ, ଘଟଣାଟି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ବିଏମସି ମୁଖ୍ୟାଳୟ ଭିତରେ ଘଟିଥିଲା। ଯେତେବେଳେ ଅତିରିକ୍ତ କମିସନର ନିୟମିତ ଜନ ଅଭିଯୋଗ ଶୁଣାଣି ବୈଠକର ଅଧ୍ୟକ୍ଷତା କରୁଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ୬ ରୁ ସାତ ଜଣ ଅଜଣା ବ୍ୟକ୍ତି ବିନା ଅନୁମତିରେ ସଭା ହଲରେ ପ୍ରବେଶ କରିଥିଲେ ଏବଂ ଅନ୍ୟ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ତାଙ୍କୁ ମାଡ଼ ମାରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ, ରଶ୍ମୀ ମହାପାତ୍ର ଏବଂ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଛି।

ଆକ୍ରମଣକାରୀମାନେ ତାଙ୍କ ମୋବାଇଲ୍ ଛଡ଼ାଇ ନେଇଥିବା ମଧ୍ୟ



ଅଭିଯୋଗ ହୋଇଥିଲେ। ଏନେଇ ବିଏମସି ଅତିରିକ୍ତ କମିଶନର ଶ୍ରୀ ସାହୁ ଖାରବେଳ ନଗର ଥାନାରେ ଅଭିଯୋଗ କରିଥିବାବେଳେ ବିଏମସିର କର୍ମଚାରୀମାନେ ଏହି ଆକ୍ରମଣର ପ୍ରତିବାଦରେ ଧାରଣାରେ ବସିଥିଲେ। ପରେ ବିଜେଡିର କର୍ମୀ ଓ କର୍ପୋରେଟରମାନେ ସନ୍ଧ୍ୟାରେ ପହଂଚି ଜନପଥରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଫଳରେ ଶତାଧିକ ଗାଡ଼ିମୋଟର ରାସ୍ତାରେ ଅଟକି ରହିଥିଲା। ରାସ୍ତା ଜାମ ହେବାରୁ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଜେଡି କର୍ପୋରେଟର ଏବଂ ବିଏମସି କର୍ମଚାରୀମାନେ ଧାରଣା ଦେଇ ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଥିଲେ। ବିଜେଡି କର୍ପୋରେଟର ଏବଂ ବିଏମସି କର୍ମଚାରୀମାନେ ଧାରଣା ଦେଇ ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଥିଲେ ଅଭିଯୁକ୍ତମାନଙ୍କୁ ଗିରଫ ସହ ସେମାନଙ୍କର ଗଡ଼ଫାଦରଙ୍କୁ ଗିରଫ ନିମନ୍ତେ ଦାବି କରିଥିଲେ।

ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ହଟାଇବା ପାଇଁ ପୁଲିସ ପ୍ରୟାସ କରିଥିବାବେଳେ ବିଜେଡି କର୍ମୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀଙ୍କୁ ସମର୍ଥନ ଦେବା ପାଇଁ ବିଜେଡିର ବରିଷ୍ଠ ନେତା ଅଶୋକ ଚନ୍ଦ୍ର ପଣ୍ଡା, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ଓ ଅନନ୍ତ ନାରାୟଣ ଜେନାଙ୍କ ସମେତ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ସେଠାରେ ଉପସ୍ଥିତ ଥିଲେ। ପୁଲିସ ସେମାନଙ୍କୁ ଧାରଣାସ୍ଥଳରୁ ବଳପୂର୍ବକ ଉଠାଇ ନେବାପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି।

ଏହି ଘଟଣାରେ ପୁଲିସ ଦ୍ୱାରା ଆହୁରି ଅଧିକ ସଂଖ୍ୟକ ଗିରଫ ହୋଇପାରେ ବୋଲି ସୂଚନା ଦେଇଛି। ତେବେ ବିଜେଡି ନେତାମାନେ ଏହି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଜଣେ ବିଜେପି ନେତାଙ୍କ ଗିରଫ ଦାବି କରୁଥିବା ଜଣାପଡ଼ିଛି।

ଏହି ଘଟଣାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିନ୍ଦା କରିବା ସହ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ କହିଛନ୍ତି। ସେହିପରି ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ ଏହି ଘଟଣାକୁ କଡ଼ା ନିନ୍ଦା କରିବା ସହ ଆଇନ ତାବାଟରେ କାର୍ଯ୍ୟ କରିବ ବୋଲି କହିଛନ୍ତି। ବିଜେପି କିମ୍ବା ସରକାର ଏପରି କାର୍ଯ୍ୟ ଓ ବିଚାରଧାରା ସହ କୌଣସି ରୂପେ ସଂଶ୍ଳିଷ୍ଟ ନୁହଁନ୍ତି ଓ ପ୍ରୋତ୍ସାହନ କରନ୍ତି ନାହିଁ। କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃଣ୍ୟ କାର୍ଯ୍ୟ। ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଆବଶ୍ୟକୀୟ ଆଇନଗତ ତଥା ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟରତ ଅଧିକାରୀମାନେ ନିଜର କାର୍ଯ୍ୟ ନିଷ୍ଠା ଓ ସାହସ ସହ କରୁଥିବାରୁ ସାଧୁବାଦ ଜଣାଉଛି। ଶୃଙ୍ଖଳା, ଅନୁଶାସନ ଓ ନିଷ୍ଠା ବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ

ସେହିପରି ବିଜେପି ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି ଯେ, ମୋ ଦୃଷ୍ଟିରେ ରତ୍ନାକର ସାହୁ ଖରାପ ଅଫିସର ନୁହଁନ୍ତି। କେବଳ କଥାବାର୍ତ୍ତାରେ କିଛି ସମସ୍ୟା ଥାଇପାରେ ବୋଲି କହିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ପ୍ରତିବାଦ କରିଛି ରାଜ୍ୟ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ(ଓଏଏସ) ସଂଘ। ଘଟଣାକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ସମସ୍ତ ଓଏଏସ ଅଧିକାରୀ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି।

# ବିଦ୍ୟୁତ୍ କମ୍ପାନୀ ଉପଭୋକ୍ତାଙ୍କ ଠାରୁ ଲୁଟିଛନ୍ତି ୧୧୦୦ କୋଟି



**ଭୁବନେଶ୍ୱର, ୩୦।୬ (ମହାଭାରତ) :** ବିଦ୍ୟୁତ୍ ବିତରଣ କମ୍ପାନୀ ମାନେ ରାଜ୍ୟବାସୀଙ୍କ ଠାରୁ ଦୁଇ ବର୍ଷରେ ୧୧୦୦ କୋଟି ଟଙ୍କା ଲୁଟ୍ କରିଛନ୍ତି ବୋଲି ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ସଂଘ ଅଭିଯୋଗ କରିଛି। ସଂଘ ଆଜି ଓଇଆରସି ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଆଲୋଚନା କରିବା ସମୟରେ ଦର୍ଶାଇଛନ୍ତି ଯେ, ୩୦ ବର୍ଷ ତଳେ ୧୯୯୪-୯୫ ମସିହାରେ ବିଶ୍ୱବ୍ୟାଙ୍କ ଋଣରେ ସମଗ୍ର ଦେଶରେ ପ୍ରଥମେ ଓଡ଼ିଶାରେ ବିଜୁଳି ସଂସ୍କାର ବା ବିଜୁଳିର ଘରୋଇକରଣ ଆରମ୍ଭ ହୋଇଥିଲା। ଲକ୍ଷ୍ୟଥିଲା ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ଖାଉଟିମାନଙ୍କୁ ଯୋଗାଇଦେବା । କିନ୍ତୁ କେନ୍ଦ୍ର ସରକାରଙ୍କ ପାୱାର ଫାଇନାନ୍ସ କର୍ପୋରେସନ୍‌ର ରିପୋର୍ଟରେ ଯାହା ପ୍ରକାଶ ପାଇଛି ଯେ, ୨୦୨୨-୨୩ ଆର୍ଥିକ ବର୍ଷର ରିପୋର୍ଟ ଅନୁଯାୟୀ ଜାତୀୟ ସ୍ତରରେ ଜଣେ ଉପଭୋକ୍ତା ୟୁନିଟ୍ ପିଛା ୫ଟଙ୍କା ୮ ପଇସା ଦେଉଥିଲା ବେଳେ ଓଡ଼ିଶା ଭଳି ଏକ ବିଦ୍ୟୁତ୍ ଉତ୍ପାଦକ ରାଜ୍ୟ ତଥା ବିଦ୍ୟୁତ୍ ବଳକା ରାଜ୍ୟରେ ଉପଭୋକ୍ତାଟିଏ ଦେଇଛି ୫ଟଙ୍କା ୯୮ ପଇସା। ଅର୍ଥାତ୍ ଗୋଟିଏ ବିଜୁଳି ୟୁନିଟ୍‌ରେ ଓଡ଼ିଶାର ଜଣେ ଉପଭୋକ୍ତା ୯୦ ପଇସା ଅଧିକା ଦେଇଛି। ଅର୍ଥାତ୍ କୋଟିଏ ଉପଭୋକ୍ତା ଏ ରାଜ୍ୟର ଗୋଟିଏ ବର୍ଷ (୨୦୨୨-୨୩) ଆର୍ଥିକ ବର୍ଷରେ ୪୬୦୦ ମିଲିୟନ୍ ୟୁନିଟ୍ ବିଜୁଳି ବ୍ୟବହାର କରି ହାରାହାରି ୪ ହଜାର କୋଟି ଟଙ୍କା ବିଜୁଳି ବିଲ୍ ବାବଦ ଲୁଟ୍‌ର ଶିକାର ହୋଇଛନ୍ତି। ସେହିଭଳି ଭାବରେ ପାୱାର ଫାଇନାନ୍ସ କର୍ପୋରେସନ୍ ୨୦୨୩-୨୪ ଆର୍ଥିକ ବର୍ଷରେ ଜାତୀୟସ୍ତରରେ ଜଣେ ଉପଭୋକ୍ତା ହାରାହାରି ୫ଟଙ୍କା ୬୪ ପଇସା ୟୁନିଟ୍ ପିଛା ଦେଉଥିଲା ବେଳେ ଓଡ଼ିଶାର ଜଣେ ଉପଭୋକ୍ତା ୟୁନିଟ୍ ପିଛା ଦେଇଛନ୍ତି ୫ଟଙ୍କା ୮୮ ପଇସା। ଅର୍ଥାତ୍ ଗୋଟିଏ ୟୁନିଟ୍‌ରେ ହାରାହାରି ୨୪ ପଇସା ଓଡ଼ିଶାର ଉପଭୋକ୍ତାମାନେ ଅଧିକା ଦେଇଛନ୍ତି । ତେଣୁ ହିସାବ କଲେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ଉପଭୋକ୍ତାମାନଙ୍କଠାରୁ ପାୱାର ଡିସ୍‌କମ୍ ମାନେ ୟୁନିଟ୍ ପିଛା ୨୪ ପଇସା ଅଧିକା ହିସାବରେ ୪୬୦୦ ମିଲିୟନ୍ ୟୁନିଟ୍‌ରେ ଲୁଟ୍ କରିଛନ୍ତି ହାରାହାରି ୧୧୦୦ କୋଟି ଟଙ୍କା ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଅଭିଯୋଗ କରିଛି।

ଉପଭୋକ୍ତା ସଂଘ କହିଛି ଯେ, ଏହାଦ୍ୱାରା ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତା ମାନେ ଗତ ଦୁଇ ବର୍ଷରେ ବିଦ୍ୟୁତ୍ ବିତରଣ କମ୍ପାନୀ ଦ୍ୱାରା ହଜାର କୋଟି ଟଙ୍କା ଲୁଟ୍‌ର ଶୀକାର ହୋଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ଉପଭୋକ୍ତା ସଂଘର ୯ ଜଣିଆ ପ୍ରତିନିଧି ଦଳ ଏହାର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ ଓ ସମ୍ପାଦକ ରବି ବେହେରାଙ୍କ ନେତୃତ୍ୱରେ ଓଇଆରସି ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏ ସମ୍ପର୍କରେ ପ୍ରତିନିଧି ଦଳ ୭ ଦଫାର ଦାବିପତ୍ର ଓଇଆରସି ଅଧ୍ୟକ୍ଷଙ୍କୁ ଦେଇଛନ୍ତି। ଓଇଆରସି ଅଧ୍ୟକ୍ଷ ଶ୍ରୀ ଜେନା ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ୧୫ ଜିଲ୍ଲାକୁ ବର୍ଷା ସତର୍କତା



**ଭୁବନେଶ୍ୱର, ୩୦।୬ (ମହାଭାରତ) :** ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା। ସକାଳୁ ରାଜଧାନୀ ଭୁବନେଶ୍ୱରରେ ବି ବର୍ଷା ଜାରି ରହିଛି। ଏହିଭଳି ପାଗ ବା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଏହାସହ ଉତ୍ତର ଓଡ଼ିଶାରେ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ରୟ ତେଣୁ ଆଜି ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିସବୁ ଜିଲ୍ଲାଗୁଡ଼ିକ ହେଲା କେନ୍ଦୁଝର, ମୟୁରଭଞ୍ଜ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ଅରେଞ୍ଜ ଆଲର୍ଟ। ସେହିପରି୧୫ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ବର୍ଷା ସହିତ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ମଧ୍ୟ ସମ୍ଭାବନା ରହିଛି।

# ଆଡପ ମଣ୍ଡପରୁ ବାହାରିଲା ଅବଢ଼ା

**ପୁରୀ, ୩୦।୬ (ମହାଭାରତ) :** ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଚତୁର୍ଥ ଦିବସ । ଆଜିଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର ଆଡ଼ପ ଦର୍ଶନ। ଆଜି ପ୍ରଥମ ଦିନ ହୋଇଥିବାରୁ ଭକ୍ତଙ୍କ ଅସମ୍ଭବ ଭିଡ ପରିଲିକ୍ଷିତ ହୋଇଛି। ଲମ୍ବା ବ୍ୟାରିକେଡ଼ରେ ଭକ୍ତ ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରୁଛନ୍ତି। ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ଦର୍ଶନ କରିବା ପରେ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି ଭକ୍ତ। ଜୈବିକ ଚାଉଳ ବା ଅମୃତ ଅନ୍ନରେ ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହୋଇଛି କୋଠ ଭୋଗ। କୋରାପୁଟର ପ୍ରଗତି ଅନୁଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅମୃତ ଅନ୍ନରେ ମହାପ୍ରଭୁଙ୍କ ପାଇଁ କୋଠ ଭୋଗ ସହିତ ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତ କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିର ଆସୁଥିବା ଅଗଣିତ ଭକ୍ତମାନେ ଯେଭଳି ସୁରୁଖୁରୁରେ ଆଡପ ଅବଢ଼ା ପାଇ ପାରିବେ ସେନେଇ ସମସ୍ତ ବ୍ୟବସ୍ଥା କରିଛି ନିଯୋଗ ୟ ଉଭୟ ବରାଦି ଅବଢ଼ା ସହ ସାଧାରଣ ଭକ୍ତଙ୍କ ପାଇଁ ଆଡପ ଅବଢ଼ା ପ୍ରସ୍ତୁତ କରାଯାଇଛି। ଆଡପ ମଣ୍ଡପରେ



ଆଡପ ପ୍ରସାଦ ପାଇ ନିଜକୁ ଧନ୍ୟ ମନେ କରିଥିବା କହିଛନ୍ତି ଭକ୍ତ। ପ୍ରଥମକରି ଜୈବିକ ଚାଉଳରେ ଭକ୍ତ ମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ମହାପ୍ରସାଦ। ଆଜି ଆଡପମଣ୍ଡପରେ ଶ୍ରୀବିଗ୍ରହଙ୍କ ମଇଲମ, ତଡପ ଲାଗି, ଅବକାଶ ପୂଜା ପରେ ଅଧର ପୋଛା ନୀତି ସମ୍ପନ୍ନ ହୋଇଥିଲା। ଦଉମହାପାତ୍ର ସେବାୟତଙ୍କ ଦ୍ୱାରା ଏହି ଅଧର ପୋଛା ନୀତି ସମ୍ପାଦିତ ହୋଇଥିଲା । ଆଜି ଦ୍ୱିତୀୟ ଭୋଗମଣ୍ଡପ ପରେ ମହାପ୍ରଭୁଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ପ୍ରାୟ ୫ ଘଣ୍ଟା ଦର୍ଶନ ବନ୍ଦ ରହିବ।

ତେବେ ଶରଧାବାଲିରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଛି । ଏଭଳିକି ଭକ୍ତଙ୍କ ଲମ୍ବା ଧାଡ଼ି ଗୁଣ୍ଡିଚା ମନ୍ଦିର ଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଲମ୍ବିଥିଲା ୟ ଭକ୍ତ ଶ୍ରଦ୍ଧାଳୁ ତାଳଧ୍ୱଜ ରଥ ପାର୍ଶ୍ୱ ଦେଇ ବ୍ୟାରିକେଡ଼ରେ ରହି ପୁନଶ୍ଚ ଜିକ ଜ୍ୟାକ୍ ବ୍ୟାରିକେଡ଼ ମଧ୍ୟରେ ଗୁଣ୍ଡିଚା ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଏସପି ପିନାକ ମିଶ୍ର ଓ ଜିଲ୍ଲାପାଳ ଚଞ୍ଚଳ ରଣା ସକାଳୁ ସକାଳୁ ସ୍ଥିତି ଅନୁଧ୍ୟାନ ସହ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଇଥିଲେ । ସେପଟେ ଆସନ୍ତାକାଲି ପିତ୍ର ହେରାପଞ୍ଚମୀରେ ଅଭିମାନିନି ମା ମହାଲକ୍ଷ୍ମୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଖଣ୍ଡେ ଅଂଶ ଭାଙ୍ଗିବାର ପରମ୍ପରା ରହିଛି।

# ପ୍ରେମିକାର ଶିଶୁପୁତ୍ରକୁ ମାରିଦେଲା ପ୍ରେମିକ

**ଭୁବନେଶ୍ୱର, ୩୦।୬ (ମହାଭାରତ):** ଅବୈଧ ପ୍ରେମ ପାଇଁ ଜଣେ ପ୍ରେମିକ ଜଣେ ବିବାହିତା ପ୍ରେମିକାର ଶିଶୁ ପୁତ୍ରକୁ ତଣ୍ଟି ଚିପି ମାରି ଦେଇଥିବା ସମ୍ପର୍କରେ ଏକ ଚାଞ୍ଚଲ୍ୟକର ଖବର ମିଳିଛି। ବାରଙ୍ଗ ଅଞ୍ଚଳରେ ମାଆର ଅନୈତିକ ପ୍ରେମ ପାଇଁ ବଳି ପଡ଼ିଛି ଅଢ଼େଇବର୍ଷ ବୟସର ଶିଶୁପୁତ୍ର। ମାଆ। ଆଗରେ ଶିଶୁପୁତ୍ରଟିକୁ ପ୍ରେମିକ ତଣ୍ଟିଚିପି ହତ୍ୟା କରିଥିଲେ ହେଁ ମହିଳାଜଣକ ପ୍ରେମିକକୁ ବଞ୍ଚାଇବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। କିନ୍ତୁ ସ୍ଥାନୀୟ ଲୋକେ ଧରିପକାଇବାରୁ ମହିଳାଜଣକ ଖସିବାକୁ ନାଟକ କରିଛି। ନନ୍ଦନକାନନ ଥାନା ପୁଲିସ ଉଭୟଙ୍କୁ ଅଟକ ରଖି ଖୋଳତାଡ଼ କରୁଛି। ଶିଶୁପୁତ୍ରକୁ ପ୍ରେମିକ ହିଁ ହତ୍ୟା କରିଛି ବୋଲି ସ୍ପଷ୍ଟ ହୋଇଛି ଏବଂ ଆସନ୍ତାକାଲି ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଅଭିଯୁକ୍ତ ହେଉଛି ମୟୂରଭଞ୍ଜର ବବି ଦେହୁରି। ତଦନ୍ତରୁ ମହିଳାଙ୍କ ସମ୍ପୃକ୍ତି ପଦାକୁ ଆସିଲେ, ତାକୁ ମଧ୍ୟ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ବାରଙ୍ଗ ଥାନା ବେଲଗଛିଆ। ନିକଟ କୁଆଖାଇ ନଦୀବନ୍ଧରେ ଏକ ଶ୍ରମିକ ଦମ୍ପତି ଚାଲିଚାଲି ଯାଉଥିଲେ। ସେମାନଙ୍କ ଗତିବିଧି ସନ୍ଦେହଜନକ ଥିଲା। ମାଆ। କାଖରେ କପଡ଼ାରେ ଗୁଡ଼ା ହୋଇଥିବା ଏକ ଶିଶୁ ଥିଲା। ହଠାତ୍ ମହିଳାଜଣକ କପଡ଼ାରେ ଗୁଡ଼ା ହୋଇଥିବା ଶିଶୁକୁ ଏକ ବୁଦା ଭିତରକୁ ଫିଙ୍ଗି ଦେଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ସେମାନଙ୍କୁ ଘେରି ଯାଇଥିଲେ। ବୁଦା ଭିତରୁ ଶିଶୁର ମୃତଦେହକୁ ବାହାର କରିବା ପରେ ମହିଳାଜଣକ ହଠାତ୍ କାନ୍ଦି ଉଠିଲେ ଏବଂ ସାଙ୍ଗରେ ଥିବା ପୁରୁଷଜଣକ ଶିଶୁପୁତ୍ରର ତଣ୍ଟି ଚିପି ମାରିଦେଇଛି ବୋଲି କହିଥିଲେ। ତୁରନ୍ତ ଲୋକେ ବାରଙ୍ଗ ଥାନାକୁ ଜଣାଇଥିଲେ। ବାରଙ୍ଗ ପୁଲିସ ପହଞ୍ଚି ପଚରାଉଚରା କରିଥିଲା। ଜଣାପଡ଼ିଥିଲା ଯେ ମହିଳାଙ୍କ ନାମ ମାନ ସିଂ ଓ ପୁରୁଷଜଣକ ବବି ଦେହୁରି। ସେମାନେ ମୟୂରଭଞ୍ଜ ବାସିନ୍ଦା ଏବଂ ନନ୍ଦନକାନନ ଥାନା ଅଧୀନ ଶିଖରଚଣ୍ଡୀ ସାହିବସ୍ତିରେ ରହି ଜଣେ ଠିକାଦାର ପାଖରେ ଶ୍ରମିକ ଭାବେ କାମ କରୁଛନ୍ତି। ମହିଳାଜଣକ ବିବାହିତ ଓ ଦୁଇଟି ସନ୍ତାନର ଜନନୀ। ବବି ହେଉଛି ମହିଳାଙ୍କ ପ୍ରେମିକ। କିନ୍ତୁ ସେମାନେ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇ ଏକାଠି ରହୁଥିଲେ। ବାରଙ୍ଗ ଥାନା ପୁଲିସଠାରୁ ସୂଚନା ପାଇ ନନ୍ଦନକାନନ ଥାନା ପୁଲିସ ପହଞ୍ଚିଥିଲା ଏବଂ ଶିଶୁର ମୃତଦେହ ଜବତ କରିବା ସହ ବବି ଓ ମାନକୁ ଥାନାକୁ ନେଇଥିଲା। ଗତକାଲି ରାତିରେ କୌଣସି କଥାକୁ ନେଇ ବବି ରାଗରେ ଶିଶୁପୁତ୍ରର ତଣ୍ଟି ଚିପି ଦେଇଥିଲା। ପିଲାଟି ମରିଯିବା ପରେ ଦୁହିଁଙ୍କ ମୁଣ୍ଡ ଘୂରାଇ ଦେଇଥିଲାୟ ପ୍ରମାଣ ନଷ୍ଟ କରିବାକୁ ସେମାନେ ଉପାୟ ଚିନ୍ତା କରିଥିଲେ ଏବଂ ନଦୀ ବନ୍ଧରେ ବଣ ଭିତରେ ଫୋପାଡ଼ିବାକୁ ସକାଳୁ ସକାଳୁ ବାହାରିଥିଲେ।

# ସରକାରୀ ବାବୁଙ୍କର ୮୪ ଏକର ଜମି ସହ ବିପୁଳ ଟଙ୍କା ଓ ସୁନା ଠାବ

**ଭୁବନେଶ୍ୱର, ୩୦।୬ (ମହାଭାରତ):** ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିକାଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ କରି ତାଙ୍କର ୮୪ ଏକର ଜମି, ଦୁଇଟି ଫାର୍ମହାଉସ୍, ଏକ ସପିଂ କମ୍ପ୍ଲେକ୍ସ, ଲକ୍ଷାଧିକ ନଗଦ ଟଙ୍କା ଓ ସୁନା ଅଳଙ୍କାର ସହ ଏକ ବେନାମୀ ଗାଡ଼ି ଠାବ କରିଛନ୍ତି। ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ଦୟାନିଧିଙ୍କ ନାଁରେ ଭୁବନେଶ୍ୱର ଗୋଠପାଟଣାରେ ଏକ ୩-ବିଏଚ୍‌କେ ଫ୍ଲାଟ୍, ଚନ୍ଦ୍ରଶେଖରପୁରରେ ଏକ ବିଲ୍ଡିଂ, ନବରଙ୍ଗପୁରରେ ୩ ହଜାର ବର୍ଗଫୁଟର ଏକ ନିର୍ମାଣାଧୀନ କୋଠା ଏବଂ ଏକ ସପିଂ କମ୍ପ୍ଲେକ୍ସ ରହିଛି। ଏହା ସହ ନବରଙ୍ଗପୁରରେ ୪୦ ଏକରର ଏକ ଫାର୍ମହାଉସରେ ପ୍ରାୟ ୧ କୋଟି ଟଙ୍କାର ବିନିଯୋଗ କରାଯାଇଛି। ଏହା ବ୍ୟତୀତ ୬ ଏକରର ଆଉ ଏକ ଫାର୍ମହାଉସରେ ୩୪ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ଜଣାପଡ଼ିଛି।



ଭବାନୀପାଟଣା ଉପକଣ୍ଠରେ ଆଉ ୧୧ ଏକର ଜମି ମଧ୍ୟ ଠାବ ହୋଇଛି। ତଦନ୍ତ ସମୟରେ ୫୫ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ଏକ ଚାରି ଚକିଆ। ବେନାମୀ ଗାଡ଼ି ମଧ୍ୟ ଜବତ କରାଯାଇଛି। ଭିଜିଲାନ୍ସ ବିଭାଗ ଏହି ସମ୍ପତ୍ତିର ଉତ୍ସ ସମ୍ପର୍କରେ ତଦନ୍ତ ଜାରି ରଖିଛି।

ଚଢାଉ ହୋଇଥିବା ସ୍ଥାନଗୁଡିକ ମଧ୍ୟରେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଧୀନ କୁପାଗାଁ ଗ୍ରାମରେ ଶ୍ରୀ ବାଗଙ୍କ ବାସଭବନ, ଧର୍ମଗଡ଼ ଥାନା ଅଧୀନ ବିକ୍ରମଗୁଡ଼ାରେ ତାଙ୍କ ଶ୍ୱଶୁର ଘର, ଭୁବନେଶ୍ୱର ଗୋଠପାଟଣାସ୍ଥିତ ମହାନଦୀ ଆପାର୍ଟମେଣ୍ଟରେ ବାଗଙ୍କ ଫ୍ଲାଟ (ଫ୍ଲାଟ ନଂ. ୧-ଡି)। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ଏଲଆଇଜି ଘର (ନଂ. ଏଲଆଇଜି ୧୦/୬), ଭୁବନେଶ୍ୱରସ୍ଥିତ ମୃତ୍ତିକା ସଂରକ୍ଷଣ ଓ ଜଳସମ୍ପଦ ବିକାଶ ନିର୍ଦ୍ଦେଶାଳୟରେ ବାଗଙ୍କ ଅଫିସ ଚାମ୍ବର। ନବରଙ୍ଗପୁର ଜିଲା, ମାଝିଗୁଡ଼ା ଛକ ନିକଟ ପଡ଼ାଲଗୁଡ଼ାସ୍ଥିତ ଏକ ନିର୍ମାଣାଧୀନ ବିଲଡିଂ। ନବରଙ୍ଗପୁର ଜିଲା, ଚୁଟିଆଗୁଡ଼ା ମୌଜା ନିକଟ ଚୁଟିଆଗୁଡ଼ା ଛକରେ ଶ୍ରୀ ବାଗଙ୍କ ପତ୍ନୀଙ୍କ ନାମରେ ଥିବା ଏକ ବିଲଡିଂ। ନବରଙ୍ଗପୁର ଜିଲା ଚୁଟିଆଗୁଡ଼ା ମୌଜା ନିକଟ ଚୁଟିଆଗୁଡ଼ା ଛକରେ ବାଗଙ୍କ ପତ୍ନୀଙ୍କ ନାମରେ ଥିବା ଅନ୍ୟ ଏକ ବିଲଡିଂ ଠାରୁ ହୋଇଛି।

# କନ୍ଧମାଳରେ ଦୁଇ ମାଓବାଦୀ ମୃତ

**ଫୁଲବାଣୀ, ୩୦।୬ (ମହାଭାରତ) :** କନ୍ଧମାଳ-କଳାହାଣ୍ଡି ସୀମାନ୍ତ ଅଞ୍ଚଳ ଭାବେ ପରିଚିତ ବାଲିଗୁଡ଼ା ଥାନା ଅନ୍ତର୍ଗତ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ଅଧୀନସ୍ଥ ବୁଢ଼ାଗୁଡ଼ା ଅଞ୍ଚଳରେ ସୋମବାର ଦିନତମାମ୍ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ପୁଲିସ ଗୁଳିରେ ଦୁଇ ଜଣ ଦୁର୍ଦ୍ଦାନ୍ତ ମାଓ କ୍ୟାଡର ନିହତ ହୋଇଛନ୍ତି। ଏହା ଫଳରେ ମାଓ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଏହା ସହିତ ପୁଲିସ ମାଓ କ୍ୟାମ୍ପ ଠାବ କରି ସେଠାରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛି। ପୁଲିସ ଏହି ମାଓ ଶିବିରରୁ ଗୋଟିଏ ରାଇଫଲ, ଗୋଟିଏ ରିଭଲଭର, ଜୀବନ୍ତ ଗୁଳି, ୱାକିଟକି, ବ୍ୟାଟେରି ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରିଛି। ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିଛି ବୋଲି ଏସ୍ପି ପ୍ରକାଶ କରିଛନ୍ତି।ବାଲିଗୁଡ଼ା ଥାନା ଅନ୍ତର୍ଗତ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ନିକଟରେ କିଛି ମାଓବାଦୀ ଲୁଚି ରହିଥିବା କଥା ଜିଲ୍ଲା ପୁଲିସ ଗୁପ୍ତ ସୂଚନା ପାଇଥିଲା। ଏହି ସୂଚନାକୁ ଆଧାର କରି କନ୍ଧମାଳ ଏସପି ହରିଶ ବିସିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ କାର୍ଯ୍ୟରତ ଡିଭିଏଫ୍ ଯବାନଙ୍କର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳରେ ମାଓ ଦମନ ଅଭିଯାନ ଆରମ୍ଭ କରିଥିଲେ। ସୋମବାର ଦିନ ୧୨ଟା ସମୟରେ ଡିଭିଏଫ୍ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ପ୍ରଥମେ ପୁଲିସ ଉପରେ ଆକ୍ରମଣ କରି ଗୁଳି ଚାଳନା କରିଥିଲେ।ଏହାର ଜବାବରେ ପୁଲିସ ସେମାନଙ୍କ ଉପରକୁ ପାଲଟା ଗୁଳି ଚାଳନା କରିଥିଲା। ଫଳରେ ଘଟଣା ସ୍ଥଳରେ ଦୁର୍ଦ୍ଦାନ୍ତ ମାଓ କ୍ୟାଡର ମଙ୍କୁ ଓ ଚନ୍ଦନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ମାଓବାଦୀମାନେ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପୁଲିସ ଉଭୟ ମୃତ ମାଓବାଦୀଙ୍କ ମୃତଦେହକୁ ଜବତ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ଅପରେସନକୁ ଜୋରଦାର କରିଛି। ରାଜ୍ୟ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ। ଏହି ସଫଳତା ପାଇଁ କନ୍ଧମାଳ ଏସପି ହରିଶ ବିସି ଏବଂ ଡିଭିଏଫ୍ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଗୋଟିଏ ପଟେ ଛତିଶଗଡ଼ରେ ପୁଲିସର ଜୋରଦାର ଆଣ୍ଟି ନକ୍ସଲ ଅପରେସନ ଚାଲିଥିବାରୁ ଛତିଶଗଡ଼ୀ ନକ୍ସଲମାନେ ପଡ଼ୋଶୀ ଓଡ଼ିଶା ଜଙ୍ଗଲକୁ ଚାଲି ଆସୁଛନ୍ତି।

# ବନ୍ୟା ସ୍ଥିତି ଉପରେ ସରକାର ନଜର ରଖିଛନ୍ତି

**ଭୁବନେଶ୍ୱର, ୩୦।୬ (ମହାଭାରତ) :** ବର୍ଷା ବିପ୍ରାତ ଯୋଗୁଁ ମୟୁରଭଞ୍ଜରେ ଦେଖା ଦେଇଥିବା ବନ୍ୟା ବିପର୍ଯ୍ୟୟ ଉପରେ ସରକାର କଡ଼ା ନଜର ରଖିଛନ୍ତି। ବର୍ତ୍ତମାନ ବର୍ଷା କମିଥିବାରୁ ବନ୍ୟା ସ୍ଥିତି ନିୟନ୍ତ୍ରଣାଧିନ ଅଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଷ ପୂଜାରୀ କହିଛନ୍ତି।

ରାଜସ୍ୱମନ୍ତ୍ରୀ ଆଜି ଏଠାରେ ଏହି ଦୁଇ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଜଳ ସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସହିତ ସମୀକ୍ଷା କରିଥିଲେ। ଏହା ପରେ ସେ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ, ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ପୂଜାରୀ କହିଛନ୍ତି, ଏନେଇ ରାଜ୍ୟ ସରକାରୀ କଳକୁ ନିୟୋଜିତ କରାଯାଇଛି ଏବଂ ସମସ୍ତ ସମ୍ପୃକ୍ତ ବିଭାଗ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ସମନ୍ୱୟ ଭାବରେ କାର୍ଯ୍ୟ କରୁଛନ୍ତି। ଆମର ପ୍ରାଥମିକତା ହେଉଛି ବୃଦ୍ଧି ପାଉଥିବା ଜଳସ୍ତର ଦ୍ୱାରା ପ୍ରଭାବିତ ଲୋକଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା। ସେ କହିଛନ୍ତି ଯେ, ନିମ୍ନ ଏବଂ ଦୁର୍ବଳ ଅଞ୍ଚଳରୁ ୧୧୦୦ ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମନ୍ତ୍ରୀ କହିଛନ୍ତି, ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ବ୍ୟବସ୍ଥା ସହିତ ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରତିଷ୍ଠା କରାଯାଇଛି। ସେ କହିଥିଲେ ଯେ ଶିଶୁ, ମହିଳା ଏବଂ ବୃଦ୍ଧଙ୍କ ଭଳି ଦୁର୍ବଳ ଗୋଷ୍ଠୀମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସୁବର୍ଣ୍ଣରେଖା ଏବଂ ବୁଢ଼ାବଳଙ୍ଗ ଭଳି ପ୍ରମୁଖ ନଦୀର ଜଳସ୍ତର ଉପରେ କଡ଼ା ନଜର ରଖାଯାଇଛି ଏବଂ




ସମ୍ବେଦନଶୀଳ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆମେ ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଞ୍ଚଳରୁ ପାଣି ଆସିବାର ଆଶା କରୁଛୁ, ଏବଂ ଆବଶ୍ୟକୀୟ ସତର୍କତା ଗ୍ରହଣ କରାଯାଇଛି। ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ (ଓଡ୍ରାଫ) ଏବଂ ଅଗ୍ନିଶମ ସେବା ସମେତ ଉଦ୍ଧାର ଏବଂ ରିଲିଫ୍ ଦଳ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ କେଉଁଝର, ବାଲେଶ୍ୱର ଏବଂ ମୟୂରଭଞ୍ଜର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରାଯାଇଛି ଏବଂ ବାଲେଶ୍ୱର ଜିଲ୍ଲାକୁ ଦୁଇଟି ଅତିରିକ୍ତ ଓଡ୍ରାଫ୍ ଦଳ ପଠାଯାଇଛି। ଜଳବନ୍ଦୀ ଗ୍ରାମଗୁଡ଼ିକରେ ଅଗ୍ନିଶମ ସେବା କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତିୟ ଆମେ ଜିଲ୍ଲା କଲେକ୍ଟର ଏବଂ ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛୁ।

# ଦୁଇ ଥାନା ବାବୁ ନିଲମ୍ବିତ

**ଲଡୁଗାଁ, ୩୦।୬ (ମହାଭାରତ:** ଜଣେ ସରଳ, ନିରିହ ଆଦିବାସୀ ନେତା ଦେବେନ୍ଦ୍ର ଧରୁଆଙ୍କର ଏକ ଏତାଲା ହଜାଇ ଦେବା ଫଳରେ ସେ ଗୁରୁତର ମାନସିକ ଚାପ ଓ ପୋଲିସର ଅବହେଳାରୁ ଆତ୍ମହତ୍ୟା କରିଥିବା ଘଟଣା ପ୍ରକାଶ ପାଇଲା ପରେ କଳାହାଣ୍ଡି ଏସ୍‌ପି ଦୁଇ ଜଣ ଏସ୍‌ଆଇଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏହି ଘଟଣାରେ ଏବେ ନୂଆ। ତଥ୍ୟ ସାମ୍ନାକୁ ଆସିଛି। ମୃତ ସମିତିସଭ୍ୟ ଆତ୍ମହତ୍ୟା ପୂର୍ବରୁ ଅର୍ଥାତ୍ ଗତ ୧୬ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ କୁଆଡେ ସମିତି ସଭ୍ୟଙ୍କ ଏତଲା ହଜାଇ ଦେଇଥିବା ଆଦିବାସୀ ସଂଘ ଅଭିଯୋଗ କରିଥିଲା। ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରି ନ ଥିଲା। ଘଟଣାର ତଦନ୍ତ ପରେ କୋକସରା ଥାନାଧିକାରୀ ଓ ତଦନ୍ତକାରୀ ପୁଲିସ ଅଧିକାରୀଙ୍କ ଅବହେଳା ସ୍ପଷ୍ଟ ହେବାରୁ କଳାହାଣ୍ଡି ଏସପି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ କର୍ତ୍ତବ୍ୟରେ ଅବହେଳା କରିଥିବା କୋକସରା ଥାନାଧିକାରୀଙ୍କ ସମେତ ଦୁଇ ଜଣ ଏସଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୋକସରା ଆଇଆଇସି ସ୍ମିତାରାଣୀ ସୁନାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ ୨ ଜଣ ଏସଆଇ ଅନୀଲ ପାଢ଼ୀ ଓ ସନ୍ତୋଷ ନାୟକଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:**ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଋମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଋମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରଷୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରଷୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଋମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଋମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



ଖବର

## ଆସିଲା 'ସର୍ଜମୀନ୍' ଟିଜର, ଦୃଷ୍ଟି ଆକର୍ଷଣ କରୁଛି ଇବ୍ରାହିମଙ୍କ ଲୁକ୍



ଇବ୍ରାହିମ୍ ଅଲୀ ଖାନ, କାଜୋଲ ଓ ପୃଥ୍ୱୀରାଜ ସୁକୁମାରନଙ୍କ ଅଭିନୀତ ନୂଆ ଚଳଚ୍ଚିତ୍ର 'ସର୍ଜମୀନ୍'ର ଟିଜର ସୋମବାର ରିଲିଜ୍ ହୋଇଛି। ଏହି ଟିଜରରେ ତିନି କଳାକାରଙ୍କ ଝଲକ୍ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରର କାହାଣୀ ଦେଶପ୍ରେମ ଏବଂ ଆତଙ୍କବାଦ ସହ ଜଡ଼ିତ ବୋଲି ମନେ ହେଉଛି। ଟିଜରରେ ସରପ୍ରାଇଜ୍ ପ୍ୟାକେଜ୍ ଭାବରେ ଇବ୍ରାହିମ ଅଲୀ ଖାନ ନଜର ଆସିଛନ୍ତି। ଟିଜରରେ ଇବ୍ରାହିମ ଜବରଦସ୍ତ ବଡି ଦେଖାଇଛନ୍ତି। ଟିଜର ରିଲିଜ୍ ହେବାମାତ୍ରେ ତାଙ୍କର ଲୁକ୍ ଭାଇରାଲ ହୋଇଛି। ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ବହନ କରିଛନ୍ତି କାୟୋଜ୍ ଇରାନୀ। ଜୁଲାଇ ୨୫ରେ ଜିଓ ହଟ୍‌ଷ୍ଟାରରେ ମୁକ୍ତିଲାଭ କରିବ 'ସର୍ଜମୀନ୍'।

## ସାରନାଥର 'ଧର୍ମଚକ୍ର'

ସାରନାଥଠାରେ ଅଶୋକ ଚକ୍ର 'ସିଂହ ସ୍ତମ୍ଭ' ଭାରତୀୟ ସଂଘରାଜ୍ୟର ପ୍ରତୀକ ଅଟେ। ଏଥିରେ ବେଦବାକ୍ୟ 'ସତ୍ୟମେବ ଜୟତେ' ଲିଖିତ ହୋଇଛି। ଏଠାରେ ଚାରୋଟି ଚକ୍ର ରହିଛି। ଚାରି ଚକ୍ରରେ ଚାରୋଟି ସିଂହ ଧାବମାନ ସଦୃଶ ଦୃଶ୍ୟମାନ ହେଉଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଚକ୍ରକୁ 'ଜ୍ଞାନ ଚକ୍ର' ଭାବେ କହୁଥିବା ବେଳେ ସମ୍ରାଟ୍ ଅଶୋକ ଏହାକୁ 'ଧର୍ମଚକ୍ର' କହିଥାନ୍ତି।

କାଶୀଠାରୁ ସାତ ମାଇଲ ଦୂର ପୂର୍ବରେ ବୌଦ୍ଧଧର୍ମର ପ୍ରାଚୀନ ତୀର୍ଥ ସାରନାଥ ଅବସ୍ଥିତ। ଜ୍ଞାନ ପ୍ରାପ୍ତି ପରେ ଭଗବାନ ବୁଦ୍ଧ ତାଙ୍କ ଭକ୍ତମାନଙ୍କୁ ଏହିଠାରେ ପ୍ରାରମ୍ଭିକ ଉପଦେଶ ପ୍ରଦାନ କରିଥିଲେ। ଏଠାରେ ସାରଙ୍ଗନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ। ସାରନାଥଠାରେ ଅଶୋକଙ୍କ ଚତୁର୍ମୁଖ ସିଂହସ୍ତମ୍ଭ, ଭଗବାନ ବୁଦ୍ଧଙ୍କ ମନ୍ଦିର, ଧର୍ମେଖ ସ୍ତୁପ, ଚୌଖଣ୍ଡୀ ସ୍ତୁପ, ରାଜକୀୟ ସଂଗ୍ରହାଳୟ, ଜୈନ ମନ୍ଦିର, ଚୀନୀ ମନ୍ଦିର ପ୍ରଭୃତି ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଥିଲା ଋଷିପତନ କିମ୍ୱା ମୃଗଦାବ (ହରିଣଙ୍କ ଜଙ୍ଗଲ)। ଏହିଠାରେ ଋଷିମାନଙ୍କ ପତନ ପରେ ମୃଗମାନେ ବିଚରଣ କରୁଥିବା ଆଧାରରେ ଏହି ସ୍ଥାନର ନାମ ମୃଗଦାବ ରଖା ଯାଇଥିଲା।



ପରବର୍ତ୍ତୀ ସମୟରେ ଏହି ସ୍ଥାନର ନାମ ସାରନାଥର ଉତ୍ପତ୍ତି 'ସାରଙ୍ଗନାଥ (ମୃଗଙ୍କ ନାଥ)ରୁ ହୋଇଥିଲା। କୁହାଯାଏ ଯେ ବୋଧିସତ୍ତ୍ୱଙ୍କର କୌଣସି ପୂର୍ବଜ, ଯେତେବେଳେ ମୃଗଦାବଠାରେ ମୃଗମାନଙ୍କର ରାଜାଥିଲେ, ସେ ନିଜର ପ୍ରାଣବଳିଦେଇ ଏକ ଗର୍ଭବତୀ ହରିଣର ଜୀବନ ବଞ୍ଚାଇଥିଲେ। ଏହି କାରଣରୁ ଉକ୍ତ ସ୍ଥାନକୁ ସାର କିମ୍ୱା ସାରଙ୍ଗ (ମୃଗ) ନାଥ କୁହାଯାଏ। ରାୟ ବାହାଦୁର ଦୟାରାମ ସାହାଣୀଙ୍କ ଅନୁସାରେ ଭଗବାନ ଶିବଙ୍କୁ ମଧ୍ୟ ସାରଙ୍ଗନାଥ କୁହାଯାଏ ଏବଂ ମହାଦେବ ଶିବଙ୍କ ନଗରୀ କାଶୀ ନିକଟବର୍ତ୍ତୀ ହୋଇଥିବା କାରଣରୁ ଏହି ସ୍ଥାନ ଶିବ ଉପାସନାର ପ୍ରମୁଖ ସ୍ଥଳ ଥିଲା।

## ହିନ୍ଦୁ ଧର୍ମରେ ଗର୍ଭାଧାନ ସଂସ୍କାର

ହିନ୍ଦୁ ଧର୍ମରେ ବିଭିନ୍ନ ସଂସ୍କାର ରହିଛି। ସେଥିମଧ୍ୟରୁ ପ୍ରଥମ ହେଉଛି ଗର୍ଭାଧାନ ସଂସ୍କାର। ଏହିଠାରୁ ଶିଶୁର ନିର୍ମାଣ ହୋଇଥାଏ। ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପରେ ଦମ୍ପତିଙ୍କୁ ପୁତ୍ର ଉତ୍ପନ୍ନ କରିବାର ମାନ୍ୟତା ଦିଆଯାଇଛି। ତେଣୁ ଶାସ୍ତ୍ରରେ କୁହାଯାଇଛି ଯେ, ଉତ୍ତମ ସନ୍ତାନପ୍ରାପ୍ତି ନିମନ୍ତେ ସର୍ବପ୍ରଥମେ ଗର୍ଭାଧାନ ସଂସ୍କାର କରିବା ଉଚିତ୍। ପିତୃ ଋଣରୁ ମୁକ୍ତି ପାଇବା ପରେ ସନ୍ତାନ ଉତ୍ପନ୍ନ ସଂସ୍କାର ବ୍ୟବସ୍ଥା ରହିଛି। ଏହି ସଂସ୍କାରରେ ଗର୍ଭ ସମ୍ୱନ୍ଧିତ ମଳିନତା ପ୍ରଭୃତି ଦୋଷ ଦୂର ହୋଇଥାଏ। ଯାହାଫଳରେ ଉତ୍ତମ ସନ୍ତାନ ପ୍ରାପ୍ତି ହୋଇଥାଏ। ମାତା-ପିତାଙ୍କ ସଂଯୋଗରେ ସନ୍ତାନର ଉତ୍ପତ୍ତି ହୋଇଥାଏ ଏବଂ ଏହି ସଂଯୋଗକୁ ଗର୍ଭାଧାନ ସଂସ୍କାର ବୋଲି ହିନ୍ଦୁ ଧର୍ମର ସଂସ୍କାର ପର୍ବରେ ପ୍ରାରମ୍ଭରେ କୁହାଯାଇଛି। ଗର୍ଭସ୍ଥାପନ ପରେ ଅନେକ ପ୍ରକାର ପ୍ରାକୃତିକ ପ୍ରବୃତ୍ତି ଆକ୍ରମଣ କରିଥାଏ, ଯେଉଁଥିରୁ ରକ୍ଷା ପାଇବା ପାଇଁ ଏହି ସଂସ୍କାର ବ୍ୟବସ୍ଥା ରହିଛି। ମାତା-ପିତାଙ୍କ ବିଚାରଧାରା ସହିତ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। ମାତା-ପିତାଙ୍କ ମାଦକ ଦ୍ରବ୍ୟ ସେବନ, ଦୂଷିତ ମାନସିକତା ପ୍ରଭୃତିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଦାମ୍ପତ୍ୟ ଜୀବନର ଶ୍ରେଷ୍ଠ ଉଦ୍ଦେଶ୍ୟ ସର୍ବ ଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରାପ୍ତ କରିବା। ଏଥିପାଇଁ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ ଅଟେ। ଗୁଣବାନ ସନ୍ତାନ ଉତ୍ପନ୍ନ ପାଇଁ ମାତା-ପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। ଶ୍ରେଷ୍ଠ ସନ୍ତାନ ପ୍ରାପ୍ତିପାଇଁ ବିଭିନ୍ନ ବିଧି ବିଧାନ ରହିଛି। ଏଥିପାଇଁ ମାତା-ପିତାଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। କାରଣ ତାଙ୍କର ଆସୁଥିବା ସନ୍ତାନଟି ତାଙ୍କ ଆତ୍ମାର ପ୍ରତିରୂପ ଅଟେ। ସେଥିପାଇଁ ପୁତ୍ରକୁ ଆତ୍ମା ଏବଂ ପୁତ୍ରୀକୁ ଆତ୍ମଜା କୁହାଯାଏ। ଗର୍ଭାଧାନ ବିଷୟରେ ହିନ୍ଦୁ ଧର୍ମଶାସ୍ତ୍ରର ସ୍ମୃତିସଂଗ୍ରହରେ ଉଲ୍ଲେଖ ରହିଛି।



# ଶ୍ରୀଜଗନ୍ନାଥଙ୍କ କିମ୍ୱଦନ୍ତୀ



ଜଗନ୍ନାଥ ମନ୍ଦିର ଓଡ଼ିଶାର ପୁରୀ ସହରର ମଧ୍ୟଭାଗରେ ଅବସ୍ଥିତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ପୂଜିତ ହେଉଥିବା ଏକ ପୁରାତନ ଦେଉଳ । ଓଡ଼ିଶାର ସଂସ୍କୃତି ଏବଂ ଜୀବନ ଶୈଳୀ ଉପରେ ଏହି ମନ୍ଦିରର ସବିଶେଷ ସ୍ଥାନ ରହିଅଛି। କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଏହି ଦେଉଳ ବିଶ୍ୱର ପୂର୍ବ-ଦକ୍ଷିଣରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବତ୍ସଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନ ଝରି ମଧୁରଜଳ ଝରିଥାଏ। ୧୯୭୫ ମସିହାରେ ଶ୍ରୀମନ୍ଦିରକୁ ଜାତୀୟ କୀର୍ତ୍ତି ରୂପେ ଘୋଷଣା କରାଯାଇଛି ।ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନ ଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ। ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ ।୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ। ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ୍ୟ ରହିଥିବା ଦେଖାଯାଇଛି। ମେଘନାଦ ପାଚେରି ପରେ କୂର୍ମ ବେଢାର ଦୈର୍ଘ୍ୟ ୪୨୦ ଫୁଟ,୩୫୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି ।ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି । ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ । ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧ୍ୟବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୁଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ । ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ୱା ତୃତୀୟ ଶତକର ବୋଲି କେହିକେହି ପ୍ରତ୍ନତା□କ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି । ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହିଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ । ବର୍ତ୍ତମାନ ମଧ୍ୟ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଅଛି । ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଭକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ । ବେଢ଼ା ମଧ୍ୟରୁ ଭକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବାନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ । ଉକ୍ତ ପାବଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ । ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ। ଯଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ । ଭକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ। ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଅଛି । କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ୍ୟ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହିତ । ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି । ଏଥି ମଧ୍ୟରୁ ପୂର୍ବ ପାର୍ଶ୍ୱଗତା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି । ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଅଛି ।



# ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ)ଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩୦।୬ (ମହାଭାରତ):** ସୂଚନା ଓ ଲୋକସମ୍ପର୍କ ବିଭାଗ ହେଉଛି ସରକାରଙ୍କ ଆଖି, କାନ ଓ ନାକ ସଦୃଶ୍ୟ ଓ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା ଏବଂ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଂଚାଇବାରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଆଜିର ସମୟରେ ଲୋକସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଖୁବ ବୃଦ୍ଧିପାଇଛି ଓ ଏହି ପରିସ୍ଥିତିରେ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବାକୁ ପଡିବ ବୋଲି ଅବସର ନେଉଥିବା ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ନୂଆ ପିଢ଼ି ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ କଲ୍ୟାଣ କମିଟି ଓ ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ଅବସର କାଳୀନ ସମ୍ବର୍ଧନା ପ୍ରଦାନ କରାଯାଇଛି ଓ ଆୟୋଜିତ ସମ୍ବର୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଦୁଇ ବରିଷ୍ଠ ଅଧିକାରୀଙ୍କ ଧୈର୍ଯ୍ୟ, କାର୍ଯ୍ୟଦକ୍ଷତା, ଅମାୟିକ ବ୍ୟବହାର, କର୍ତ୍ତବ୍ୟ ନିଷ୍ଠା, ସରକାରୀ କାର୍ଯ୍ୟକୁ ଆଗେଇ ନେବାରେ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ ଓ

ଏହି କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ସହକାରୀ ନିର୍ଦ୍ଦେଶକ ( କ୍ଷେତ୍ର) ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ବିକ୍ରମ ମହାରଣା, ବିନାୟକ ମିଶ୍ର , ଅବିନାଶ ପାଣିଙ୍କ ସମେତ ମନୋଜ ରଥ, ଜନ ଜାଭେଦ ସିଂ, ଗୋପାଳ ପାଣିଗ୍ରହୀ ପ୍ରମୁଖ ଅବସର ନେଉଥିବା ଅଧିକାରୀଙ୍କ କାର୍ଯ୍ୟକ୍ଷେତ୍ରର ସ୍ମୃତି ବଖାଣିବା ସହିତ ଗଣମାଧ୍ୟମ ସହିତ ସମନ୍ୱୟ ରକ୍ଷା କରି ଅତ୍ୟନ୍ତ ନିଖୁଣ ଭାବେ ସରକାରୀ କାର୍ଯ୍ୟକୁ ଆଗେଇ ନେଉଥିଲେ ବୋଲି ବର୍ଣ୍ଣନା କରିଥିଲେ।

ଏହି ଅବସରରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ, ଉତ୍ତୋରୀୟ, ଫଳକ ଓ ଶ୍ରୀମଦ ଭଗବତ ଗୀତା ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, ସହକାରୀ ଅର୍ଥ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ପ୍ରମୋଦିନୀ ଟେଟେ, ଅମ୍ଳାନ ଦାସ, ତନୁଜା ମହାନ୍ତି, ଆଲୋକ ମହାନ୍ତି, ରୋଜାଲିନି ସାହୁ, ଐଶର୍ଯ୍ୟା ସାମନ୍ତ, ଶ୍ରବଣ କୁମାର ସମେତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଲଣ୍ଡନ

**ଲଣ୍ଡନ,୩୦।୬ (ମହାଭାରତ):** ଭକ୍ତଙ୍କ ପାଖକୁ ଓହ୍ଲାଇ ଆସିଛନ୍ତି ଭାବ ବିନୋଦିଆ କଳାଠାକୁର। ଭାଇଭଉଣୀଙ୍କ ସହ ରତ୍ନସିଂହାସନ ଛାଡ଼ି ଆରମ୍ଭ କରିଛନ୍ତି ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା। ଘଣ୍ଟନାଦ ସହ ବର୍ଷକ ପରେ ପୁଣିଥରେ ତିନିଠାକୁରଙ୍କୁ ନେଇ ଘର୍ଘର ନାଦ ଦେଇ ପୁରୀ ବଡ଼ଦାଣ୍ଡରେ ଗଡ଼ିଛି ରଥ। ଏକାକାର ହୋଇଛନ୍ତି ଭକ୍ତ ଓ ଭଗବାନ। ରଥାରୂଢ କାଳିଆ। ସାଆନ୍ତଙ୍କୁ ଦେଖି ଭକ୍ତି ଭାବରେ ଭିଜିଛନ୍ତି ୧୦ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ। ଚର୍ମଚକ୍ଷୁରେ ଦର୍ଶନ ସୌଭାଗ୍ୟ ଲଭି ଝରାଇଛନ୍ତି ଆନନ୍ଦାଶ୍ରୁ। ରଥ ଦଉଡ଼ି ସ୍ପର୍ଶ କରି ଅର୍ଜିଛନ୍ତି କୋଟିପୁଣ୍ୟ। ଭଜନକୀର୍ତ୍ତନରେ ସୃଷ୍ଟି ହୋଇଛି ଭକ୍ତି ଓ ଭାବମୟ ପରିବେଶ। ଶ୍ରଦ୍ଧା ଓ ଭକ୍ତିରେ ଭିଜିଛି ସମଗ୍ର ବଡ଼ଦାଣ୍ଡ। ଏହାରି ଭିତରେ ସାତ ଦରିଆ ପାରି ଲଣ୍ଡନରେ ବି ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜିତ ହୋଇଯାଇଛି। ଲଣ୍ଡନରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ଓ ଶ୍ରୀ ଜଗନ୍ନାଥ ସୋସାଇଟି ୟୁକେର କାର୍ଯ୍ୟକର୍ତ୍ତାମାନେ ଲଣ୍ଡନର ଅପଟନ କୋର୍ଟ ପାର୍କ, ସ୍ଲାଓରେ ରଥଯାତ୍ରାର ଏକ ବିଶାଳ ଉତ୍ସବ ଆୟୋଜନ କରିଥିଲେ। ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ



ଭକ୍ତମାନେ ଟାଣି ଟାଣି ନେଇଯାଇଥିଲେ ପାଖାପାଖି ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏଥିରେ ସମବେତ ହୋଇଥିବାବେଳେ ଲଣ୍ଡନର ଶ୍ରୀରାମ ମନ୍ଦିରରେ ଥିବା ଅସ୍ଥାୟୀ ମନ୍ଦିରରୁ ତିନି ଦିଅଁଙ୍କୁ ରଥ ଯୋଗେ ଅପଟନ କୋର୍ଟ ପାର୍କକୁ ଅଣାଯାଇଥିଲା। ହରିବୋଲ-ହୁଳହୁଳିରେ ଲଣ୍ଡନର ରାଜରାସ୍ତା ପ୍ରକମ୍ପିତ ହୋଇଥିବାବେଳେ ଭାରତୀୟ କମିଶନର ଡେପୁଟି ହାଇ କମିଶନର ସୁଜିତ ଘୋଷ, ସାଉଥହଲ ଶ୍ରୀରାମ ମନ୍ଦିରର ଟ୍ରଷ୍ଟି ଅରୁଣ ଠାକୁର ପ୍ରମୁଖ ଛେରାପହଁରା ନୀତି ସମ୍ପାଦନା କରିଥିବାବେଳେ ଜୟ ଜଗନ୍ନାଥ ନାରାରେ ସାରା ଅଂଚଳ ପ୍ରକମ୍ପିତ ହୋଇଥିଲା ବିଶେଷ ଅତିଥି ଭାବରେ ୱେଣ୍ଡସରର ସାଂସଦ ଜ୍ୟାକ ରାଙ୍କନିନ, ସ୍ଲାଓର ଡେପୁଟି ମେୟର ନୀଲ ରାଣା, ସ୍ଲାଓର କାଉନ୍ସିଲର ସୁବାସ ମହିନ୍ଦ୍ରା, ପ୍ରମୁଖ ଯୋଗ ଦେଇଥିଲେ।

# ପୁରୁଣାଭୁବନେଶ୍ୱର ହାଟସାହିରେ ଘୋଷଯାତ୍ରା

**ପୁରୁଣାଭୁବନେଶ୍ୱର,୩୦।୬ (ମହାଭାରତ):** ପୁରୁଣା ଭୁବନେଶ୍ୱରସ୍ଥିତ ହାଟସାହିରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ପ୍ରଥମଥର ଅନୁଷ୍ଠିତ ହୋଇଯାଇଛି। ହାଟସାହିର ଜଣେ ବରିଷ୍ଠ ନାଗରିକ ଲୋକନାଥ ଦାସ ଓ ଦିବ୍ୟଜ୍ୟୋତି ଦାସଙ୍କ ଦ୍ୱାରା ଏହି ରଥକୁ ନିର୍ମାଣ କରାଯାଇଥିଲା। ୧୦ ବର୍ଷର କୁନି ବାଳକ ବିଧାନ ସାହୁ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ୪ବର୍ଷର କୁନି ସେବକ ହେତାର୍ଥ କୀର୍ତ୍ତିମାନ ପଣ୍ଡା ରଥ କାଳସୀ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ରଥଟଣା ବେଳେ ଘଣ୍ଟ, ସଂକୀର୍ତ୍ତନ, ନୃତ୍ୟ, ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଉଥିଲା। ସ୍ଥାନୀୟ ବାସିନ୍ଦା ଓ ପିଲାମାନେ ଆନନ୍ଦ ଉତ୍ସାହର ସହିତ ରଥ ଟାଣି ଟାଣି ନେଇଥିଲେ।



# ପରିସଂଖ୍ୟାନ ପ୍ରତ୍ୟେକ କାର୍ଯ୍ୟାଳୟ ଓ ଯୋଜନା ପାଇଁ ଅପରିହାର୍ଯ୍ୟ

**ଖୋର୍ଦ୍ଧା,୩୦।୬ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା ୟୁନିଟ ଆନୁକୁଲ୍ୟରେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁଙ୍କ ପୌରହିତ୍ୟରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଯଥା ବିଶିଷ୍ଟ ପରିସଂଖ୍ୟାନ ବି ସ୍ୱର୍ଗତ ପ୍ରଫେସର ପି.ସି.ମହାଲାନୋବିଶ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଅଛି। ଦିବସ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରରେ ପ୍ରତ୍ୟେକ କାର୍ଯ୍ୟାଳୟରେ ପରିସଂଖ୍ୟାନ ଗଣନାକୁ ସୁଦୃଢ କରିବା ଉପଲକ୍ଷେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ପରିସଂଖ୍ୟାନ ବିତ ପ୍ରଫେସର ଆଲୋକ ରଞ୍ଜନ ବେହେରା ଯୋଗଦେଇ ପରିସଂଖ୍ୟାନ ପ୍ରତ୍ୟେକ କାର୍ଯ୍ୟାଳୟ ଏବଂ ଯୋଜନା ର ସଫଳତା ଦିଗରେ ଅପରିହାର୍ଯ୍ୟ ବୋଲି ବକ୍ତବ୍ୟ ରଖି ପରିସଂଖ୍ୟାନ ର ଆବିଷ୍କାର, ଆବଶ୍ୟକତା,ଏବଂ ପରିସଂଖ୍ୟାନ ପ୍ରତ୍ୟେକ ଯୋଜନାର କିଭଳି ଅବିଚ୍ଛେଦ୍ୟ ଅଙ୍ଗ ବକ୍ତବ୍ୟ ରଖି ସ୍ୱର୍ଗତ ବିଶିଷ୍ଟ ପରିସଂଖ୍ୟାନ ବିତ ପ୍ରଫେସର ପି .ସି.ମହାଲାନୋବିଶ ଙ୍କ ଜିବନାଦର୍ଷ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଭାଷଣରେ ମୁଖ୍ୟ ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ କହିଲେ ଯେ ଯୋଜନା ପ୍ରଣୟନରେ ଏବଂ ଉନ୍ନୟନ ପ୍ରକ୍ରିୟାରେ ପରିସଂଖ୍ୟାନ ପ୍ରଭାବ ପକାଇଥାଏ। ପରି ସଂଖ୍ୟାନ ବିନା କୌଣସି କାର୍ଯ୍ୟ କରିବା ସମ୍ଭବ ନୁହେଁ। ଏକ ପରିସଂଖ୍ୟାନ ମୂଳକ ବଜେଟ ତାହାର ହିତାଧିକାରୀଙ୍କୁ ଶତ ପ୍ରତିଶତ ସଫଳତା ଦେଇଥାଏ। ଏଣୁ ବ୍ଲକ୍ କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟ କରୁଥିବା ବ୍ଲକ୍ ପରିସଂଖ୍ୟାନ ଅଧିକାରୀ ଏବଂ



ପ୍ରତ୍ୟେକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ପରିସଂଖ୍ୟାନ ଅଧିକାରୀ, ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ସମସ୍ତେ ପ୍ରତ୍ୟେକ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ବିଚାର ବିମର୍ଶ କରି ଉତ୍ତମ ମାନର ପରିସଂଖ୍ୟାନ ପ୍ରସ୍ତୁତ କଲେ ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଅଭିଭାଷଣ ରଖିଥିଲେ। ସେହିପରି ବିଭିନ୍ନ ବିଭାଗର ଅନୁ ପ୍ରେରଣା ଦାୟକ ଭିଡିଓ ଏବଂ ବସ୍ତୁ/ପଦାର୍ଥ/ଦ୍ରବ୍ୟ ର ଦର ନିର୍ଦ୍ଧାରଣ ପରିସଂଖ୍ୟାନ ସଂଘମିତ୍ରା ମହାନ୍ତି ପାୱାର ପଏଣ୍ଟ ଉପକରଣରେ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ। ପ୍ରଥମ ଅଧିବେଶନରେ ରୋନାଲି ପଟ୍ଟନାୟକ ଧନ୍ୟବାଦ୍ ପ୍ରଦାନ କରିଥିଲେ। ସେହିପରି ଈଶ୍ୱର ଚନ୍ଦ୍ର ମଲ୍ଲିକ ବିଭିନ୍ନ ଋତୁର ସର୍ଭେ, ଧାନ, ଗହମ, ମକା, ମାଣ୍ଡିଆ।, ଡାଲି ଯାତୀୟ ଓ ତୈଳ ଜାତୀୟ ଫସଲ,ଆଖୁ, ଝୋଟ ଓ ଆଳୁ ଜାତୀୟ ଫସଲର ବିସ୍ତୃତ ପରିସଂଖ୍ୟାନ ତଥ୍ୟ ଉପସ୍ଥାପନ କରିଥିଲେ। ଉପନିର୍ଦ୍ଦେଶକ,ଡି ପି ଏମ ୟୁ ଶ୍ରୀ ଶଙ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ବେହେରା ସାଙ୍ଖିକ ବିଜ୍ଞାନର ପିତା ହେଉଛନ୍ତି ସ୍ୱର୍ଗତ ପ୍ରଫେସର ପି ସି ମହାଲାନୋବିଶ୍ କହିବା ସହ ଦିବସ ପାଳନ ଓ କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିବସ ଅବସରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିଲିକା ବ୍ଲକ୍ ପରିସଂଖ୍ୟାନ ଅଧିକାରୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଭୁବନେଶ୍ୱର ବ୍ଲକ୍ ପରିସଂଖ୍ୟାନ ଅଧିକାରୀ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଗୁନିଆ। ବ୍ଲକ୍ ପରିସଂଖ୍ୟାନ ଅଧିକାରୀ ଙ୍କୁ ସଭାପତି ଓ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ କିରଣ ପ୍ରଭା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ

**ଭୁବନେଶ୍ୱର,୩୦।୬ (ମହାଭାରତ):** ଓଡିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ସ୍ଥାନୀୟ ୟୁନିଟ ୯ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ସଭାପତି, ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ପୌରହିତ୍ୟ ଓ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ରସେବକ ଓ ସମର୍ପିତବ୍ୟକ୍ତି ସତ୍ତା। ବହୁଘାତ ପ୍ରତିଘାତ ଭିତରେ ଜଣେ ଉଦ୍ୟୋଗୀ ଗତି କରିବା ସହିତ ରାଷ୍ଟ୍ରର ବହୁବିଦ୍ଧ ଉନ୍ନତିପାଇଁ ତାଙ୍କ ସେବା,ନିଷ୍ଠା ସମର୍ପଣ ଭାବ ବେଶ ପ୍ରଶଂସନୀୟ। ଉକ୍ତ ମାସିକ ବୈଠକରେ ମୁଖ୍ୟ ଅତିଥି ଭାବେ ନାସକମ ସମ୍ମାନରେ ସମ୍ମାନିତ ତଥା କେପ ଜେମିନି ଟେକନୋଲୋଜିର ଗ୍ଲୋବାଲ ଉପ ସଭାପତି ତଥା ବିଶିଷ୍ଟ ମହିଳା ଉଦ୍ୟୋଗୀ ରାଜଶ୍ରୀ ଦାସ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆର୍ଚିଟେକ ସୁରଜ କିରଣ ପାତ୍ର, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଶିକ୍ଷ ଉପ ନିର୍ଦ୍ଦେଶକ ବିଜୟ କୁମାର ପଣ୍ଡା ଏକତ୍ରିତ ଭାବେ ସଂଗଠିତ ହେବା ସହିତ ପରସ୍ପରପ୍ରତି ଆନୁଗତ୍ୟ ଭାବ ସହିତ ଉଦ୍ୟୋଗ ଶିଳ୍ପ କୁ ଆଗେଇ ନେବା ସହିତ ନୂତନ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ଦାସ ଆଧୁନିକ ପ୍ରଯୁକ୍ତି ବିଦ୍ୟା, ନୂତନ ସମ୍ଭାବନା




ତଥା ଓଡିଶା ର ଉଦ୍ୟୋଗୀ କୌଣସି ପରିପ୍ରେକ୍ଷୀରେ କମ ନୁହଁନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଶ୍ରୀଯୁକ୍ତ ମିଶ୍ର ଉଦ୍ୟୋଗୀଙ୍କ ସୁରକ୍ଷା, ସମ୍ମାନ,ସମୃଦ୍ଧି ଉପରେ ଆଲୋକପାତ କରିବା ସହିତ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା କିପରି ସମାଧାନ ହୋଇପାରିବ ତାହା ଉପରେ ମତରଖିଥିଲେ। ଉଦ୍ୟୋଗୀଙ୍କ ମିଳିତ ଉଦ୍ୟମ ଓ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଧିକ ଡାଇମଣ୍ଡ କ୍ଲବ ଶ୍ରେଷ୍ଠ ଅବଦାନ ପାଇଁ ଶିବ ନାରାୟଣ ମିଶ୍ର, ପ୍ରାଉଡ୍ ପରଚେଜର ଉଦ୍ୟୋଗୀ ବଜାର ପାଇଁ ଅଭିଜିତ ପଣ୍ଡା,ଶ୍ରେଷ୍ଠ ସି,ଇ,ଓ ଅମୀୟ କୁମାର ମିଶ୍ର ଓ ଶ୍ରେଷ୍ଠ ଆକ୍ଟିଭ ମେମ୍ବର ଭାବେ ସୀତାଂଶୁ ଶେଖର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍ୟୋଗୀ ପରିବାରର ସଦସ୍ୟ /ସଦସ୍ୟା ପରିଚାଳନା କରିଥିଲେ।

# ଓଡିଶା ଆସବେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ

**ଭୁବନେଶ୍ୱର,୩୦।୬ (ମହାଭାରତ):** ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ଓଡିଶା ପ୍ରଦେଶର ରାଜ୍ୟ କର୍ଯ୍ୟକାରିଣୀ ବୈଠକ ଆଜି ଦଳର ରାଜ୍ୟ ମହାସଚିବ ଲିଙ୍ଗରାଜ ମହାନ୍ତିଙ୍କ ଆବାହକତ୍ୱରେ ରାଜ୍ୟ, ଜିଲ୍ଲା ତଥା ବ୍ଲକ ସ୍ତରୀୟ କର୍ମକର୍ତ୍ତା ମାନଙ୍କର ଏକ ସମୀକ୍ଷା ବୈଠକ ୟୁନିଟ-୯ ସ୍ଥିତରେଡକ୍ରସ ଭବନ ସଭାଗୃହରେ ଅନୂଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଦଳର କାର୍ଯ୍ୟକାରୀ ସଭାପତି ଚିତ୍ତରଂଜନ ମଲିକ,ଉପ ସଭାପତି ଶରତ ଚନ୍ଦ୍ର ରଣବିଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଆଗାମୀ ଦିନରେ କିପରି ଦଳ ଓଡିଶାରେ ବିସ୍ତାର ଲାଭ କରିପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ରାଜ୍ୟ କର୍ଯ୍ୟକାରିଣୀ ବୈଠକରେ କିପରି ତୃଣମୁଳ ସ୍ତରରୁ ଲୋକଙ୍କସହ ଯୋଡି ହୋଇ ରହିବା ସେ ବିଷୟରେ ଜିଲ୍ଲା ଓ ବ୍ଲକ ପଦାଧିକାରୀ ମାନଙ୍କୁ ଉପ ସଭାପତି ଶରତ ଚନ୍ଦ୍ର ରଣବିଡା ପରାମର୍ଶ ଦେଇଥିଲେ। ଦଳର ରାଷ୍ଟ୍ରିୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ ଖୁବଶିଘ୍ର ଦଳର ସ୍ଥିତି ସମୀକ୍ଷା ପାଇଁ ଓଡିଶା ଆସୁଥିବାରୁ ଏଥିନେଇ ସମସ୍ତ ପ୍ରସ୍ତୁତିପର୍ବ କରାଯିବ ବୋଲି ଆଜିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସ୍ଥିର ହୋଇ ଏକ ସମନ୍ୱୟ କମିଟିଗଠନ କରାଯାଇଥିଲା। ଭାରତୀୟ ଜନତା ପାର୍ଟି ସହିତ ଲୋକ




ଜନଶକ୍ତି ପାର୍ଟି ଯୋଡିହୋଇ ରହିଥିଲେ ମଧ୍ୟ ବର୍ତ୍ତମାନର ସରକାର ଲୋକ ଜନଶକ୍ତି ପାର୍ଟି(ରାମବିଳାସ)କର୍ମକର୍ତ୍ତାଙ୍କୁ ଅଣଦେଖା କରୁଥିବାରୁ ଆଜିର ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।ଏହାର ସମାଧାନ ପାଇଁ ଏକ ଦାବୀପତ୍ର ସରକାରଙ୍କୁ ଦିଆଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି।

# ନିଶା ଓ ଅନୈତିକ କାର୍ଯ୍ୟ ବିରୋଧୀ ଦିବସ ପାଳିତ

**ଖୋର୍ଦ୍ଧା,୩୦।୬ (ମହାଭାରତ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଜିଲ୍ଲାପ୍ରଶାସନ ଏବଂ ଅବକାରୀ ବିଭାଗ ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ କାରବାର ବିରୋଧୀ ଦିବସ ଆଜି ସକାଳ ୮ଘଟିକା ସମୟରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ରେ ପାଳିତ ହୋଇଯାଇଅଛି। ଦିବସ ଉପଲକ୍ଷେ ସାମାଜିକ ସୁରକ୍ଷା ବିଭାଗ, ଅବକାରୀ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବିରାଟ ସଚେତନତା ପଦଯାତ୍ରା ରାଲୀ ହାବେଳୀ ପଡିଆ ଠାରୁ ବାହାରି ସହର ମଧଦେଇ ବି ଆର ଆମ୍ବେଦକର ମାର୍ଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ପୁରୁଣା ଜିଲ୍ଲାପାଳଙ୍କ ଅଫିସ୍ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଉକ୍ତ ରାଲିକୁ ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିବାସହ ନିଶା ସେବନ ଏକ ମାନସିକ ବ୍ୟାଧି ,ଏଣୁ ନିଜ ମନକୁ ବିକାରଗ୍ରସ୍ତ ନକରି ସନ୍ତୁଳିତ କରି ରଖି ଗଠନ ମୂଳକ ଭାବଧାରା ଚିନ୍ତାଧାରା ଆଣିଲେ ନିଶା ବ୍ୟବହାରରୁ ମୁକ୍ତି ମିଳିବାସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜ ପରିବାରର ତଥା ରାଷ୍ଟ୍ରର ଅନେକ ହିତ ସାଧିତ ହେବ ବୋଲି ଉଦବୋଧନ ରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା, ଶ୍ରୀମତୀ ଶୁମତି ତ୍ରିପାଠୀ ଯୋଗଦେଇ ନିଶା ଅପବ୍ୟବହାର ଓ କୁ ପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ହିଆଲ ସଭାପତି ଭାଷଣରେ ଦିବସର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ ସହ ତାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତହୋଇଥିଲା। ଦିବସରେ ରାଲିରେ ଜିଲାସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ଅବକାରୀ ବିଭାଗ , ଅଗ୍ରଣୀ ଯୁବ ସଂଗଠନ ଲାଇଫ ଲାଇନ୍ ସହ ପାଖାପାଖି ଜିଲ୍ଲାର ଅନେକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଓ ବିଭିନ୍ନ କାର୍ଯ୍ୟାନ୍ୱୟନ ସରକାରୀ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇ ବିଭିନ୍ନ ସ୍ଲୋଗାନ ଦେଇ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଆସିଥିଲେ। ସେଠାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା ଆୟୋଜିତ ନିଶା ନିବାରଣ ବିଷୟ ବସ୍ତୁ ଉପରେ ଉଚ୍ଚମାଧ୍ୟମିକ ଓ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ୧୨ଜଣ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ସେହିପରି ନିଶା ସେବନ ନ କରିବା ଓ ନିଶାମୁକ୍ତ ସମାଜ ଗଠନରେ ପ୍ରଚେଷ୍ଟା ନିମିତ୍ତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କର୍ମକର୍ତ୍ତା ଏବଂ ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ର ସମ୍ପାଦକ, ସଭାପତି ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ।



# ସାମସଙ୍ଗ ଫୋଲଡ଼େବୁଲର ପ୍ରି-ରିଜର୍ଭ ଘୋଷଣା

**ଭୁବନେଶ୍ୱର,୩୦।୬ (ମହାଭାରତ):** ସାମସଙ୍ଗ ଆସନ୍ତା ଜୁଲାଇ୯ ତାରିଖ ଦିନ ନ୍ୟୁୟର୍କଠାରେ ଏହାର ନୂତନ ପୀଢ଼ିର ଫୋଲଡ଼େବୁଲ ସ୍ମାର୍ଟଫୋନର ଶୁଭାରମ୍ଭ କରିବାକୁ ଯାଉଛି। ଏହି ପରବର୍ତି ପୀଢ଼ିର ଫୋଲଡ଼େବୁଲ ସ୍ମାର୍ଟଫୋନ ଗୁଡ଼ିକ ନୂତନ ଏଆଇ-କ୍ଷମତାଯୁକ୍ତ ସଂଶ୍ଳିଷ୍ଟକାରୀ ହୋଇଥିବା ବେଳେ ଏହା ଆଶ୍ଚର୍ଯ୍ୟ କଳାଭଳି ହାଡ଼ୱେୟାର ସମର୍ଥନ ସହିତ ଆସୁଅଛି।

ଏହି ବିଧିବଦ୍ଧ ଶୁଭାରମ୍ଭର ପୂର୍ବରୁ ଭାରତରେ ଏହାର ଗ୍ରାହକମାନେ ପରବର୍ତି ଫୋଲଡ଼େବୁଲ ସ୍ମାର୍ଟଫୋନକୁ ମାତ୍ର ୨୦୦୦ ଟଙ୍କାର ଏକ ଟୋକନ ପରିମାଣ ଦେୟ ପୂର୍ବକ ପ୍ରି-ରିଜର୍ଭ କରିପାରିବେ। ଯେଉଁ ଗ୍ରାହକ ମାନେ ଏହି ପ୍ରି-ରିଜର୍ଭ କରିଥିବେ ସେମାନେ ପରବର୍ତି ଗାଲାକ୍ସି ଉପକରଣ କ୍ରୟ କରିବା ସମୟରେ ୫୯୯୯ ଟଙ୍କାର ସୁବିଧା ପ୍ରାପ୍ତ ହୋଇପାରିବେ। ସେମାନେ ମଧ୍ୟ ଏହାର ପ୍ରାରମ୍ଭିକ ବିତରଣ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ଗ୍ରାହକମାନେ ସାମସଙ୍ଗର ପରବର୍ତି ଫୋଲଡ଼େବୁଲ ସ୍ମାର୍ଟଫୋନ ପ୍ରି-ରିଜର୍ଭ ସୁବିଧା ସମଗ୍ର ଭାରତରେ ସାମସଙ୍ଗ ଡ଼ଟକମ୍, ସାମସଙ୍ଗର ଏକ୍ସକ୍ଲୁଜିଭ ଷ୍ଟୋର, ଆମାଜନ ଡ଼ଟ ଇନ, ଫ୍ଲିପ୍‌କାର୍ଟ ଡ଼ଟକମ୍ ତଥା ଅଗ୍ରଣୀ ଖୁଚୁରା ଆଉଟଲେଟ ମାନଙ୍କରେ ପରିଦର୍ଶନ କରି ପାଇପାରିବେ। ସାମସଙ୍ଗ ଏଭଳି ଏକ ଆଗକୁ ଆସୁଥିବା ଉପକରଣର ସମଗ୍ର ଡ଼ିଜାଇନ ଲୋକମାନଙ୍କର ପ୍ରକୃତ ଆବଶ୍ୟକତାକୁ ନେଇ କରିବାକୁ ଯାଉଛି ଯାହା ମଧ୍ୟରେ ରହିଛି ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ତୀକ୍ଷ୍ଣ କ୍ୟାମେରା ତଥା ଏଥିରେ ସଂଯୋଗ ହେବା ପାଇଁ ଅନେକ ଗୁଡ଼ିଏ ବଳିଷ୍ଠ ତଥା ସ୍ମାର୍ଟ ପଦକ୍ଷେପ ଗୁଡ଼ିକ।

# ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି

କମ ପରିଶ୍ରମ, ଅଧିକ ରୋଜଗାର ପାଇଁ ସରକାରୀ ଚାକିରୀ ନିହାତି ଜରୁରୀ। ପାଠ ପଢ଼ିବା ବେଳେ ଶିକ୍ଷକ ବା ଅଭିଭାବକ କେବେ ପିଲାଙ୍କୁ କହନ୍ତି ନାହିଁ ଯେ, ପାଠ ପଢ଼ିବାର ଉଦ୍ଦେଶ୍ୟ ହେଲା ଶିକ୍ଷିତ ହେବା। ଚାକିରୀ କରିବା ଶିକ୍ଷାର ଉଦ୍ଦେଶ୍ୟ ନୁହେଁ। ବିଶେଷ କରି ମଧ୍ୟବିତ୍ତ ବର୍ଗର ପରିବାରରେ ଶିକ୍ଷାର ଏକମାତ୍ର ଉଦ୍ଦେଶ୍ୟ ହେଲା ସରକାରୀ ଚାକିରୀ କରିବା। ଏଥିପାଇଁ ବାପା-ମା' ମାନେ ପିଲାଙ୍କ ଇଚ୍ଛା ବିରୋଧରେ ନିର୍ଦ୍ଦିଷ୍ଟ ପାଠ ପଢ଼ିବାକୁ ବାଧ୍ୟ କରନ୍ତି ଏବଂ ଏହା ଦ୍ୱାରା ଅନେକ ମେଧାବୀ ପିଲାଙ୍କ ଜୀବନ ନଷ୍ଟ ହେବାର ନଜିର ମଧ୍ୟ ରହିଛି। ପିଲାଙ୍କ ପାଠ ପଢ଼ା ବାବଦରେ ବାପା-ମା' ମାନେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ପୁଣି ଚାକିରୀ ପାଇଁ ଅନେକ ସମୟରେ ଲାଞ୍ଚ ଦେବାକୁ ମଧ୍ୟ ଅଭିଭାବକମାନେ ପଛାଉ ନାହାଁନ୍ତି। ଏହା ହିଁ ଆମ ବ୍ୟବସ୍ଥାର ତ୍ରୁଟି। ଏହା ହେଉଛି ଦୁର୍ନୀତିର ମୂଳ କାରଣ। ଏଥିପାଇଁ ପିଲାଙ୍କୁ ଦୋଷ ଦେଲେ ହେବନି। ସେମାନଙ୍କ ପାଇଁ ସରକାରୀ ଚାକିରୀ ହେଉଛି ଜୀବନର ଲକ୍ଷ୍ୟ। ଆମ ବ୍ୟବସ୍ଥା ମଧ୍ୟ ତଦ୍ରୂପ। ୧୦ଜଣ ବ୍ୟକ୍ତି ମାସିକ ୧ ଲକ୍ଷ ଟଙ୍କାରେ ଚାକିରୀ କରିବା ଅପେକ୍ଷା ୧୦୦ଜଣଙ୍କୁ ମାସିକ ୨୦ ହଜାର ଟଙ୍କାରେ ଚାକିରୀ ଦେବା ଉଚିତ। ଏହା ଦ୍ୱାରା ବେକାର ସମସ୍ୟା ଅନେକାଂଶରେ ଦୂର ହୋଇପାରିବ। କିନ୍ତୁ ସରକାର କେବେ ଏ ସମ୍ପର୍କରେ ଚିନ୍ତା କରି ନାହାଁନ୍ତି। ଫଳସ୍ୱରୂପ ସରକାରୀ ଚାକିରୀ ପାଇବାକୁ ପିଲାମାନେ ସବୁ କିଛି ବାଜି ଲଗାଇ ଦେଉଛନ୍ତି, ଲାଞ୍ଚ ଦେଇ ଚାକିରୀ କରିବା, ପ୍ରଶ୍ନପତ୍ର ବିକ୍ରି ହେବା ଦେଖାଯାଉଛି। କେବେ କେମିତି ଏହା ପଦାରେ ପଡୁଛି। କିନ୍ତୁ ଅନେକ କ୍ଷେତ୍ରରେ ଯୋଗ୍ୟ ଏବଂ ନିଷ୍ପାପର ପିଲାମାନେ ଅନ୍ୟାୟର ଶୀକାର ହେଉଛନ୍ତି। ଦୁଇବର୍ଷ ତଳେ ବାଲେଶ୍ୱର ଜିଲ୍ଲା ପୋଲିସ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନଙ୍କ ଦ୍ୱାରା ଆୟୋଜିତ ଜେଇ ସିଭିଲ ପରୀକ୍ଷାର ପ୍ରଶ୍ନପତ୍ର ବିକ୍ରି ମାମଲାର ଛାନଭିନ କରି ବଡ଼ ଧରଣର ସଫଳତା ହାସଲ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ରାଜ୍ୟ ବାହାରେ ଏକ ପ୍ରେସରୁ ଏହି ପ୍ରଶ୍ନପତ୍ର ଲିକ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ଓଏସଏସସିର କିଛି କର୍ମଚାରୀଙ୍କ ହାତ ରହିଥିଲା, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏହାକୁ ଏଡ଼ାଇ ଦିଆଯାଉଛି। ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ଯଥେଷ୍ଟ। ଏହି ଗୋଟିଏ ଘଟଣାରୁ ରାଜ୍ୟରେ କିପରି ସରକାରୀ ଚାକିରୀ ପାଇଁ ଦୁର୍ନୀତି ଚାଲିଛି ତାହା ସ୍ପଷ୍ଟ ହୋଇଯାଇଛି। ଯେଉଁମାନେ ଦୁର୍ନୀତି କରି ଚାକିରୀ ପାଉଛନ୍ତି, ସେମାନେ ନିଜ ଚାକିରୀ କାଳରେ ମଧ୍ୟ ଦୁର୍ନୀତି କରିବା ସ୍ୱାଭାବିକ। ଅନେକ ସରକାରୀ ଅଫିସରେ ବହୁ ଅଯୋଗ୍ୟ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଇଂରାଜୀରେ ଧାଡ଼ିଏ ଠିକ ଭାବେ ଲେଖିପାରିବେ ନାହିଁ। ସେଥିପାଇଁ ସେମାନେ ଠିକ ଭାବେ କାମ କରି ପାରୁ ନାହାଁନ୍ତି ଏବଂ ଲୋକମାନେ ହଇରାଣ ହେଉଛନ୍ତି। ଏବେ ଏସଏସସି ଦ୍ୱାରା ପରିଚାଳିତ ଅର୍ବାନ ଲୋକାଲ ବଡି ଆକାଉଣ୍ଟାଣ୍ଟ ପରୀକ୍ଷାର ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ ଆସିଛି। ଏହାର ଭିଜିଲାନ୍ସ ତଦନ୍ତ ହେବା ଉଚିତ। ସେହିପରି ନକଲି ସାର୍ଟିଫିକେଟରେ ଅନେକ ସରକାରୀ ସ୍କୁଲରେ ଶିକ୍ଷକ ଚାକିରୀ କରିଥିବା ଅଭିଯୋଗ ଆସିଛି। କେତେକ ନକଲି ସାର୍ଟିଫିକେଟ ମାଧ୍ୟମରେ ଡାକ ବିଭାଗରେ ଚାକିରୀ କରିଥିବାର ଅଭିଯୋଗ ମଧ୍ୟ ହେଉଛି। ଏହାର ପ୍ରମାଣ ମଧ୍ୟ ମିଳିଛି। ଅନେକ ଏଥିପାଇଁ ଚାକିରୀ ହରାଇବା ସହିତ ଗିରଫ ମଧ୍ୟ ହୋଇଛନ୍ତି।

# ପୁତିନଙ୍କ ଅପରେସନ ଆମେରିକା

॥ ସୌମେନ୍ଦ୍ର ଜେନା ॥

> “ କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା / ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ / ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ / ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଳାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ /

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି। ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ। ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି। ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି। ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି। ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା। ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ। ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ। କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ। ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରଙ୍କୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି। ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି। ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ। ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ। ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି। ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ। ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ। ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି। ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା। ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମ ଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି। ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ। ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି। ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି। (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିଙ୍କୁ ଡାକିଲେ। 'ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅର୍ଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

## ସାମାଜିକ କର୍ମୀଙ୍କୁ ଆକ୍ରମଣ ଡାନିଙ୍କ ବିରୁଦ୍ଧରେ ଥାନାରେ ମାମଲା ରୁଜୁ

ଦାନଗଦୀ, (ମହାଭାରତ): ସାମାଜିକ ଗଣ ମାଧ୍ୟମ ରେ ଫେକ ଆଇଡି ଜରିଆରେ ଚରିତ୍ର ସଂହାର କରି ସାମାଜିକକର୍ମୀ ତଥା ଜଣେ ସାମ୍ବାଦିକ ଙ୍କୁ ଦିବାଲୋକ ରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ (ଡାନି)ଙ୍କ ନିର୍ଦ୍ଦେଶ ରେ ଆକ୍ରମଣ କରାଯାଇଥିବା ସମ୍ପର୍କ ରେ ସୁକିନ୍ଦା ଥାନା ରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ସୁକିନ୍ଦା ଆଇଆଇସି ଘଟଣାର ଛାନ ଭିନ କରୁଥିବା ଜଣାପଡିଛି। ସୂଚନା ଯୋଗ୍ୟ ସିଭିଲ ସୋସାଇଟ ଫୋରମ ଯାଜପୁର ର ସମ୍ପାଦକ ତଥା ସାମ୍ବାଦିକ ବିଶ୍ୱନାଥ ପାତ୍ର ଙ୍କ ସହ ତାଙ୍କ ପରିବାରର ଚରିତ୍ର ସଂହାର କରି ସୁକିନ୍ଦା ଜାମୁପୋଷି ଗ୍ରାମର ସୁଶାନ୍ତ ମଲ୍ଲିକ ନାମକ ଜଣେ ଯୁବକ ରବିବାର ଦିନ ଫେସ ବୁକ ରେ ପୋଷ୍ଟ କରିଥିଲେ। ଏବଂ ଯୋଜନାବଦ୍ଧ ଭାବେ ସୋମବାର ସକାଳୁ ସୁକିନ୍ଦା ବ୍ଲକ ସାମ୍ନା ରେ ଛପି ରହିଥିଲେ.ବିଶ୍ୱନାଥ ପାତ୍ର କୌଣସି ଏକ କାମରେ ବ୍ଲକ କାର୍ଯ୍ୟାଳୟ ଯାଉଥିବା ସମୟରେ ସୁଶାନ୍ତ ମଲ୍ଲିକ, ବିବେକାନନ୍ଦ ବୋଷ ଏବଂ କିଛି ବିଜଦ କର୍ମି ହଟାତ ଆସି ତାଙ୍କ ବୁମ ଛଡ଼େଇବା ସହ ଅତର୍କିତ ଆକ୍ରମଣ କରି ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଡାନି ବାବୁ ବିରୁଦ୍ଧ ରେ ମୁହଁ ଖୋଲିଲେ ବମ ପକାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଅଶାଳୀନ ଭାଷା ରେ ଗାଳିଗୁଲଜ କରି ଡାନି ଙ୍କ ନିର୍ଦ୍ଦେଶ ନ ମାନିଲେ ବିଚ ରାସ୍ତାରେ ହତ୍ୟା କରିବାକୁ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି। ସୁକିନ୍ଦାର ପୂର୍ବତନ ବିଧାୟକ ଗଣତାନ୍ତ୍ରିକ୍ୱଧି ବ୍ୟବସ୍ଥା କୁ କୁଠାର ଘାତ କରି ରାଜନୈତିକ ଅଭିଶନ୍ଧି କୁ ଚରିତାର୍ଥ କରିବାକୁ ସୁକିନ୍ଦା ମାଟିରେ ଅଶାନ୍ତିର ବିଷ ମଞ୍ଜି ବୁଣି ହିଂସା,ବିଦ୍ୱେଷ ସୃଷ୍ଟି କରି ଦଙ୍ଗା ଭିଆଇବାକୁ ଷଡଯନ୍ତ୍ର ରଚୁଥିବା ସମ୍ପର୍କ ରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ବନ୍ଧରେ ବିଶ୍ୱନାଥ ପାତ୍ର ଲିଖିତ ଅଭିଯୋଗ କରି ନିଜ ଜୀବନ ର ସୁରକ୍ଷା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣା ପଡିଛି।

## ବାଇକ ସହ ମଦ ଜବତ, ଜଣେ କୋର୍ଟ ଚାଲାଣ



କରଞ୍ଜିଆ, (ମହାଭାରତ): ଠାକୁରମୁଣ୍ଡା ଅବକାରୀ ଥାନା ପୋଲିସ ସୋମବାର ଦିନ ବାଇକଯୋଗେ ଚୋରା ରେ ମହୁଲି ମଦ ନେଉଥିବା ବେଳେ ଜଣେ ଯୁବକ କୁ ଗିରଫ କରିବା ସହ ୪୦ ଲିଟର ଦେଶୀ ମହୁଲି ମଦ ସହିତ ବ୍ୟବହୃତ ବାଇକ କୁ ଜବତ କରିଛି ।ଗିରଫ ଜଣକ ହେଉଛନ୍ତି ପୋଡ଼ିଆବେଡା ଗ୍ରାମର ମୁନା ହାଁସଦା ବୋଲି ଜଣାପଡ଼ିଛି ।ଏ ସଂକ୍ରାନ୍ତରେ ଅବକାରୀ ଥାନା ପୋଲିସ କେଶ ନମ୍ବର-୬୧/୨୦୨୫-୨୬ ଅନୁଯାୟୀ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି ।କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀଣୀ ଭାରତୀ ନାୟକ,ଏଏସଆଇ ଲକ୍ଷ୍ମଣ ନାୟକ ସମେତ ଅବକାରୀ ପୋଲିସ ପୋଡ଼ିଆବେଡା-କେନ୍ଦୁଜିଆଣି ରାସ୍ତା ର ଖଣ୍ଡବନ୍ଧ ନିକଟରେ ରାସ୍ତା ଉପରେ ବାଇକ ଅଟକାଇ ଥିଲେ ।ବାଇକରେ ସେ ପ୍ଲାଷ୍ଟିକ ଜାରକିନ ରେ ମଦ ଥିବା ଦେଖି ତାଙ୍କୁ ଧରିଥିଲେ ।

## ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ଗଜପତି ଶାଖାର ସାଧାରଣ ପରିଷଦ ବୈଠକ

ଗଜପତି, (ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିର୍ଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ର ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଗଜପତି ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ଗଜପତି ଶାଖାର ସଭାପତି ଯୁଧିଷ୍ଠିର ରଣସିଙ୍ଗ,ସମ୍ପାଦକ ସନ୍ତୁନୁ ମିଶ୍ର, ସଙ୍ଗଠନର ସମ୍ପାଦକ ସୁଶୀଲ କୁମାର କର, ବସନ୍ତ ପଶପୁରେଡ୍ଡୀ, ପରାମର୍ଶଦାତା ବାବୁଲି ପୂଜାରୀ,ଭୈରବ ପଟ୍ଟନାୟକ, ଶଙ୍କର ଲାଲ ସରେନ୍ ପ୍ରମୁଖଙ୍କ ସମେତ ବହୁ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରାଜ୍ୟ ସଙ୍ଘର ନିର୍ଦ୍ଦେଶ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ଗଜପତି ଶାଖାର ବହୁ କର୍ମଚାରୀ ନିଜର ସମସ୍ୟା ଉପସ୍ଥାପନ କରିଥିଲେ ।ସେମାନଙ୍କର ନଅ ଗୋଟି ଦାବୀ ରହି ଥିବା ଓଡ଼ିଶା ରାଜସ୍ୱ ଆମଲା ସଂଘ ଗଜପତି ଶାଖାର ସଭାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଦାବୀ ଗୁଡିକ ଏଣ୍ଟି ଗ୍ରେଡ ପେ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବୀମା ରେ ସାମିଲ କରିବା, ପ୍ରମୋସନ କରିବା ଏହିଭଳି ବିଭିନ୍ନ ଦାବୀ ରହିଥିଲା । ଦାବୀ ପୂରଣ ନ ହେଲେ ୭ ତାରିଖ ଠାରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟାଳୟରେ କାର୍ଯ୍ୟରତ କାମ କରିବେ ୧୪ ତାରିଖରୁ କାମ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଓଡ଼ିଶା ରାଜ୍ୟ ଅମଲା ସଙ୍ଘ ଗଜପତି ଶାଖାର ସମ୍ପାଦକ ସନ୍ତୁନୁ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ନିଦ୍ରାମୟ ସାଜିଛି ପୂର୍ତ୍ତ ବିଭାଗ, ମଲେ ହଜିଲେ ଦାୟୀ କିଏ ?

ଦାନଗଦି, (ମହାଭାରତ): ଯାଜପୁର କଳିଙ୍ଗନଗର ଶିଳ୍ପ ସମୃଦ୍ଧର ଏକ ଅଂଶ ଯାହା ସାର ବିଶ୍ୱ ରେ ଆଗାମୀଦିନରେ ପରିଚୟ ସୃଷ୍ଟି କରିବାକୁ ଯାଉଛି । ହେଲେ ଦୁର୍ଭାଗ୍ୟର ବିଷୟ ଏସିଆ ମହାଦେଶ ସର୍ବ ବୃହତ୍ତମ ଶିଳ୍ପ ସମୃଦ୍ଧ ଅଞ୍ଚଳ କଳିଙ୍ଗନଗର ରେ ସମସ୍ୟାର ବାଟମାରଣା ହେଉଛି । ପ୍ରଦୂଷଣ ଜନିତ ସମସ୍ୟା ରେ କଳିଙ୍ଗନଗର ଅଞ୍ଚଳ ଉବୁଟୁବୁ ହେଉଥିବା ବେଳେ ଜଳ, ଜଙ୍ଗଲ ପ୍ରାକୃତିକ ସମ୍ପଦ ଲୋପ ପାଇବାକୁ ବସିଲାଣି । ଏ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ତ୍ରାହି ତ୍ରାହି ଡାକିଲେଣି । କଳିଙ୍ଗନଗର ମୁଖ୍ୟ ପାରିପାସ୍ୱିକ ରାସ୍ତା ମନୋଗୋବିନ୍ଦ ପୁର ଓଭର ବ୍ରିଜ ଏବେ ଲୋକଙ୍କ ମରଣଯନ୍ତା ପାଲଟିଛି ଓଭର ବ୍ରିଜ ର ମଝି ରାସ୍ତାଜାକ ବଡ଼ ବଡ଼ ଖଳାରେ ପରିପୂର୍ଣ୍ଣ । କିଛି ବର୍ଷ ପୂର୍ବେ ହୋଇଥିବା ଏହି ଓଭର୍‌ବ୍ରିଜ୍ ଟି ସଂପୂର୍ଣ୍ଣ ଭାଙ୍ଗି ଗଲାଣି ଏଠି ଅନେକ ରାଜନେତା ଠାରୁ ଆରମ୍ଭକରି ଶିଳ୍ପପତି ମାନେ କୋଟି କୋଟି ଟଙ୍କା ଏ ଅଞ୍ଚଳପାଇଁ ବେସ ଲାଭବାନ ହେଉଥିଛନ୍ତି ।କିନ୍ତୁ କଳିଙ୍ଗନଗର ଅଞ୍ଚଳ ଆଜି ବିପଦରେ ପରିଣତ ହୋଇଛି । ଏଠି ପ୍ରଶ୍ନ ଉଠୁଛି କଳିଙ୍ଗନଗର ଅଞ୍ଚଳରୁ କୋଟି କୋଟି ଟଙ୍କାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଣ୍ଠିକୁ ଯାଉଥିବାବେଳେ ଏ ଅଞ୍ଚଳ ର ଦାୟିତ୍ୱ ତୁଲାଇବାକୁ ପଛଘୁଞ୍ଚା କାହିଁକି ?। ମାନପୁର ଓଭର ବ୍ରିଜ ଆଜି ଏ ଅଞ୍ଚଳବାସୀଙ୍କ ମରଣଯନ୍ତା ପାଲଟିବାକୁ ଯାଉଅଛି ।ହଜାର ହଜାର ଜନସାଧାରଣ ସହ ଶ୍ରମିକ ମାନଙ୍କ ମୁଖ୍ୟ ରାସ୍ତା ଏହି ଓଭର ବ୍ରିଜ କଳିଙ୍ଗନଗର ମୁଖ୍ୟ ରାସ୍ତା କହିଲେ ଅତୁପ୍ତି ହେବନାହିଁ ।ଏହି ମୁଖ୍ୟ ରାସ୍ତା ଟି ଏବେ ଲୋକଙ୍କ ସମସ୍ୟାର କରାଣ ସାଜିଛି । ଏହାର ମରାମତି ଆବଶ୍ୟକୀୟ ହୋଇପଡ଼ିଥିବାବେଳେ ପୂର୍ତ୍ତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ । ଶିଳ୍ପ ପତିଙ୍କ ନଜର ମଧ ପଡୁନାହିଁ ।ଶିଳ୍ପାନୁଷ୍ଠାନ ରେ ଶ୍ରମିକଙ୍କ ସୁରକ୍ଷା ପ୍ରଥମ ସ୍ଥାନରେ ଅଗ୍ରାଧିକାର ଦିଆଯାଉଥିବା ବେଲ ଶିଳ୍ପାନୁଷ୍ଠାନ ବାହାରେ ଯେମିତି ଅସୁରକ୍ଷିତ ମନେ କରୁଛନ୍ତି ଶ୍ରମିକ। ଦୃଭଗ୍ୟର ର କଥା କଳିଙ୍ଗନଗର ଅଞ୍ଚଳ ଭାରତ ମାନଚିତ୍ରରେ ଭାରତ ମାନଚିତ୍ର ଏକ ଅଂଶ ଯାହା ଦେଶ ବିଦେଶକୁ ଅନେ କାରଖାନା ରୁ ମାଲ୍ ରପ୍ତାନି କରାଯାଉଅଛି, ଶିଳ୍ପପତି ମାନେ ବି ଏ ଅଞ୍ଚଳରୁ ବେସ ଲାଭବାନ ହେଉଛନୀ ଦୁର୍ଭାଗ୍ୟର ବିଷୟ ଶିଳ୍ପାନୁଷ୍ଠାନ ମାନେ ଏ ଅଞ୍ଚଳରୁ ବେସ ଲାଭବାନ ହେଉଥିଲେ ହେଁ ନିଜ ଏ ଅଞ୍ଚଳର ସମସ୍ୟା ଗୁଡ଼ିକୁ ଦୃଷ୍ଟିକି ନେବାରେ କୁଣ୍ଠାବୋଧ କାହିଁକି ?। ଶିଳ୍ପାଞ୍ଚଳରେ ଅନେକ ସମସ୍ୟା ହେଲେ ଦୃଷ୍ଟି କୋଣଷ୍ଟେଶା ହୋଇ ରହି ଏ ଅଞ୍ଚଳର ସାଧାରଣ ଲୋକଙ୍କ ପାଇଁ ବିପଦ ସଙ୍କୁଳ ଓଭର୍‌ବ୍ରିଜ ଟି କେବେ କାର୍ଯ୍ୟକାରୀ ହେବ ତାହା ସଭିଙ୍କ ନଜର ପଡ଼ିବା ଆବଶ୍ୟକ।

# ନୟାଗଡ଼ରେ ମେଡିକାଲ କଲେଜ ପାଇଁ ଦାବି




ନୟାଗଡ଼, (ମହାଭାରତ) : ନୟାଗଡ଼ ସିଭିଲ୍ ସୋସାଇଟି ପକ୍ଷରୁ ରବିବାର ନୀଳମାଧବ କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକଙ୍କୁ ନେଇ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଭିଲ୍ ସୋସାଇଟି ଅଧ୍ୟକ୍ଷ ଗୋଦାବରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏଲ୍‌ଡର୍ ଲାଇନ୍ ଫିଲ୍ଡ ଅଫିସର ସୁନିତାରାଣୀ ବାରିକ, ନୟାଗଡ଼ ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ବରିଷ୍ଠ ନାଗରିକ ମାନେ ଦୃଢ଼ମନ । ସେମାନଙ୍କ ପ୍ରତି ଭଲପାଇବା ଏବଂ ସେମାନଙ୍କୁ ସମ୍ମାନ ମିଳିବା ପାଇଁ ସମାଜକୁ ସଚେତନ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ । ବରିଷ୍ଠ ନାଗରିକଙ୍କୁ ଅବହେଳା କଲେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ନୟାଗଡ଼ ଜିଲ୍ଲାର ସମସ୍ତ ବରିଷ୍ଠ ନାଗରିକଙ୍କ ସୁବିଧା ଏବଂ ସେମାନଙ୍କୁ ଏକାଠି କରିବା ପାଇଁ ଏକ ଆପ୍ ଡିଜାଇନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ଥାନା ଅଧିକାରୀ ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ରହିଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବା ସହ ସାଇବର ଠକେଇ ପ୍ରତି ସଚେତନ କରିଥିଲେ । ଏଲ୍‌ଡର୍ ଲାଇନ୍ ଫିଲ୍ଡ ଅଫିସର ଶ୍ରୀମତୀ ବାରିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୧୪୫୬୭ ଟୋଲ୍ ଫ୍ରି ନମ୍ବର ବ୍ୟବସ୍ଥା କରାଯାଇଥିବା କହିଥିଲେ । ଏହାର ସୁବିଧାସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସିଭିଲ୍ ସୋସାଇଟି ଅଧ୍ୟକ୍ଷ ଶ୍ରୀ ସାହୁ ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ପର୍ଯ୍ୟନ୍ତ ସିଭିଲ୍ ସୋସାଇଟି ଲଢ଼େଇ କରିବ ବୋଲି କହିଥିଲେ । ନୟାଗଡ଼ ଜିଲ୍ଲାର ସମସ୍ତ ସାମ୍ବାଦିକଙ୍କ ସହଯୋଗ ଲୋଡ଼ିଥିଲେ । ଏହା ସହିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି ରଖୁଥିଲେ । ଏହି ଅବସରରେ ସହରର ଜୋତା ପଲିସ କରୁଥିବା ମୋଚିଙ୍କୁ ସିଭିଲ୍ ସୋସାଇଟି ପକ୍ଷରୁ ଛତା ବଣ୍ଟନ କରାଯାଇଥିଲା । ସେହିଭଳି ପୌର ପରିଷଦର କିଛି ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବର୍ଷାତି ବଣ୍ଟନ କରାଯାଇଥିଲା । ସିଭିଲ୍ ସୋସାଇଟି ଉପାଧ୍ୟକ୍ଷ ଭଗବତୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା, କଣ୍ଟିଲୋ ସଭାପତି ଅଳ ମହାରଣା ପ୍ରମୁଖ ସାମିଲ ହୋଇଥିଲେ । ସିଭିଲ୍ ସୋସାଇଟି ଉପଦେଷ୍ଟା ଶ୍ରୀକାନ୍ତ ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ କମିଟି ପକ୍ଷରୁ ଶିକ୍ଷା କାର୍ଯ୍ୟାଳୟରେ ଦାବୀପତ୍ର ପ୍ରଦାନ




ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଚାହାଳୀରେ ଶିକ୍ଷକ ଅଭାବ ଦେଖାଦେଇଛି । ଏଠାରେ ୧ମ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷାଦାନ କରୁଛନ୍ତି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଚାରିଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି । ସେଥି ମଧ୍ୟରୁ ଦୁଇଜଣ ରେଗୁଲାର ଶିକ୍ଷକ ହୋଇଥିବା ବେଳେ ଅନ୍ୟ ବିଦ୍ୟାଳୟରୁ ଦୁଇଜଣ ଶିକ୍ଷକ ଡ଼େପୋଟେସନ ଭାବେ ନିୟୋଜିତ ହୋଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେଉଛନ୍ତି । ଚାରିଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଜଣେ ଶିକ୍ଷୟତ୍ରୀ ମାତୃତ୍ୱ ପାଇଁ ଗତ ତା ୨୩ ଜୋନ ୨୦୨୫ ରିଖ ଠାରୁ ଛୁଟିରେ ଅଛନ୍ତି । ଫଳରେ ପିଲାଙ୍କ ପାଠପଢାରେ ବହୁତ ଅସୁବିଧା ଦେଖାଦେଇଛି ।ଏନେଇ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । କିନ୍ତୁ ବଡ଼ ଦୁଃଖର ପରିତାପ ବିଷୟ ଅଭିଯୋଗ ସମୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନା ରାଣୀ ସେଠି ଛୁଟିରେ ଥିବା ସଭାପତି ସମେତ ବିଦ୍ୟାଳୟ ପରିଚାଳନା କମିଟିର ଖଦାଳ ବରାଡ଼ ଏବଂ ଅନୁପମା ବେହେରା ସହିତ କମିଟିର ସଦସ୍ୟ ମାନେ ପ୍ରକାଶ କରିଛନ୍ତି । ଏହି ସମ୍ପର୍କରେ ଜାଣିବା ପାଇଁ ଆମେ ଫୋନ ଯୋଗେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲଙ୍କୁ ଯୋଗାଯୋଗ କରିଥିଲୁ କିନ୍ତୁ ତାଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିନଥିଲା ।ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଗୋଷ୍ଠୀ ଅଧିକାରୀ ଜ୍ୟୋସ୍ନା ରାଣୀ ସେଠିଙ୍କୁ ଫୋନ ଯୋଗେ ପଚାରି ଥିବାରୁ ସେ ଛୁଟିରେ ଥିବା କହିଥିଲେ । ହେଲେ ଶିକ୍ଷା କାର୍ଯ୍ୟାଳୟ କାହା ପାଇଁ ? ତାହାହେଲେ ଅଭିଯୋଗ ଶୁଣିବ କିଏ ? ଯଦି ଉଭୟ ଅନୁପସ୍ଥିତ ରହିବେ ତେବେ ଆଗାମୀ ଦିନରେ ଶିକ୍ଷାର ଭବିଷ୍ୟତ କଣ ହେବ ଏଥି ପାଇଁ ସମସ୍ତେ ପ୍ରଶ୍ନ କରିବା ଆରମ୍ଭ କଲେଣି ।

## ଯୁବ ପରିଷଦ ଶିକ୍ଷା,ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଦେଇଛି ନୂଆ ପରିଚୟ

ଅସ୍ତରଙ୍ଗ, (ମହାଭାରତ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଶିକ୍ଷା,ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଉପରେ ଗାଦି ଗୋସେଇଁ ଯୁବ ପରିଷଦ କାମ କରି ସୁନାମ ଅର୍ଜନ କରିଛି । ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଜଡ଼ିତ ସମସ୍ତ ଯୁବ ବନ୍ଧୁମାନଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ଅନ୍ୟମାନଙ୍କୁ



ପ୍ରେରଣା ଦେବ ଓ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ଅନୁଷ୍ଠାନର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବ ବୋଲି ଆଜି ପରିଷଦର ନିଜସ୍ୱ କାର୍ଯ୍ୟାଳୟ ଉଦ୍ଘାଟନ ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ବିଜେପି ନେତା ତଥା ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ କହିଛନ୍ତି । ବ୍ଲକ ଅନ୍ତର୍ଗତ କେନ୍ଦ୍ରାପାଟି ପଞ୍ଚାୟତ ଜିଓଳ ଗ୍ରାମର ଯୁବକମାନଙ୍କ ନିଜସ୍ୱ ଉଦ୍ୟମରେ ପରିଷଦର ନିଜସ୍ୱ ନୂତନ କାର୍ଯ୍ୟାଳୟ ଗୃହ ଆଜି ଉଦ୍ଘାଟିତ ହୋଇଛି ।ଏହି ଅବସରରେ ପରିଷଦର ସଭାପତି ଶାନ୍ତି ଶେଖର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହକୁ ଶତାଧିକ ଗ୍ରାମବାସୀ,ମହିଳା,ପୁରୁଷ ପ୍ରମୁଖ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।ଏଥିରେ ଅନ୍ୟତମ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୂର୍ଜୟ ମିଶ୍ର,ଅସ୍ତରଙ୍ଗ ସରପଞ୍ଚ ରାମ ଚନ୍ଦ୍ର କାଣ୍ଡି, କେନ୍ଦ୍ରାପାଟି ସରପଞ୍ଚ ଲକ୍ଷ୍ମୀପ୍ରିୟା କାଣ୍ଡି,ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳ,ପଣ୍ଡିତ କାଳନ୍ଦୀ ଛାଟୋଇ ବିଜେପି ଯୁବନେତା ପ୍ରଦେଶ ବରାଳ ,ରଞ୍ଜନ ମଲ୍ଲିକ,ବାବୁଲି ବେହେରା ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ ।

## ଉଦୟବଟ ପରିସର ଶ୍ରୀ ଜଗନ୍ନାଥତତ୍ତ୍ୱ ଆଶ୍ରମରେ ସଂସ୍କୃତି ଗବେଷଣା କେନ୍ଦ୍ର, ପାଠାଗାର ଓ ଯୋଗଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ଶିଳ୍ପ ମନ୍ତ୍ରୀଙ୍କ ପ୍ରତିଶ୍ରୁତି



ପାରାଦୀପ, (ମହାଭାରତ) : ମାଳିକା ବର୍ଣ୍ଣିତ ପାରାଦୀପ ର ଉଦୟବଟ ଧାମରେ ଥିବା ଶ୍ରୀ ଜଗନ୍ନାଥ ତତ୍ତ୍ୱ ଆଶ୍ରମ ୧୯୮୮ ମସିହାରେ ବୈଷ୍ଣବ ପରମ୍ପରାର ଗୁରୁ ଶ୍ରୀ ଭଗବାନ ଦାସ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ଆଶ୍ରମର ପରିଚାଳକ ମାନଙ୍କ ଅନୁରୋଧ ରକ୍ଷା କରି ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗତ ଜୁନ ମାସ ୨୯ ତାରିଖ ଦିନ ଆଶ୍ରମ ପରିଦର୍ଶନ କରି ସମସ୍ତ ଦେବାଦେବୀଙ୍କୁ ଦର୍ଶନ କରିବା ସହ ଏକଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରହି ଉଦୟବଟର ସମ୍ପୂର୍ଣ୍ଣ ଉନ୍ନତି ପାଇଁ ଆଲୋଚନା କରିଥିଲେ । ଶ୍ରୀ ଜଗନ୍ନାଥ ତତ୍ତ୍ୱ ଆଶ୍ରମରେ ହେବାକୁଥିବା ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର, ପାଠାଗାର ଓ ଯୋଗଶିକ୍ଷା କେନ୍ଦ୍ର ପାଇଁ ମାନ୍ୟବର ମନ୍ତ୍ରୀ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ବିଶ୍ୱପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବି ଶଙ୍କରଜୀଙ୍କ ପରମଭକ୍ତ ତଥା ପାରାଦୀପର ପ୍ରମୁଖ ସୁନାମଧନ୍ୟ ଯୋଗଗୁରୁ ଏବଂ ଓଡ଼ିଶାର ସୁପରିଚିତ ଘୋଷକ ତାପସ ରଞ୍ଜନ ପତି ଏହି ଆଶ୍ରମ ପରିସରରେ ହେବାକୁ ଥିବା ପାରାଦୀପର ପ୍ରଥମ ବୃହତ୍ ଯୋଗଶିକ୍ଷା କେନ୍ଦ୍ର କୁ ପରିଚାଳନା କରିବେ ବୋଲି ମାନ୍ୟବର ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ଆଶ୍ରମ ପରିଚାଳନା କମିଟିରର ସଭାପତି ଆଶ୍ରମର ମୁଖ୍ୟ ବାବାଜୀ ଭାବ ସାଗର ଦାସ ଓ ବାବା ଉଦୟନାଥଦାସ ଆଶ୍ରମର ପ୍ରମୁଖ ପରାମର୍ଶଦାତା ବୈଷ୍ଣବ ଚରଣ ପଟ୍ଟନାୟକ, ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ,ସମ୍ପାଦକ ଚିନ୍ମୟ ଦାସ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବା ସହିତ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା ।

## ରାଜ୍ୟ ମୁକ୍ତ ବିଦ୍ୟାଳୟ ଦଶମ ଶ୍ରେଣୀ ସାପ୍ଲିମେଣ୍ଟ୍ରି ପରୀକ୍ଷା ଆରମ୍ଭ

ଆସିକା, (ମହାଭାରତ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷ ର ଦଶମ ଶ୍ରେଣୀ ପରୀକ୍ଷା ଆଜି ଆରମ୍ଭ ହୋଇ ଯାଇଛି । ଆସିକା ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷୟତ୍ରୀ ତଥା ପରୀକ୍ଷା ଅଧିକ୍ଷକ ମିନତୀ ପାତ୍ର ଙ୍କ ନେତୃତ୍ୱ ରେ ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର ପରୀକ୍ଷା ନିରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ । ଆସିକା ବ୍ଲକ ର ମୋଟ ୨୧୩ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ପାଠ ପଢି ପରୀକ୍ଷା ଦେବା ଫର୍ମ ପୁରଣ କରି ପରୀକ୍ଷା ଦେବାକୁ ସୁ ନିଶ୍ଚିତ କରିଥିଲେ । କିନ୍ତୁ ଆଜି ପରୀକ୍ଷା ର ଆରମ୍ଭ ଦିନ ହୋଇଥିବାରୁ ମୋଟ ୨୦୭ ଜଣ ପରୀକ୍ଷା ଦେଇଥିଲେ । ଆଉ ମାତ୍ର ୦୬ ଜଣ ପରୀକ୍ଷାର୍ଥୀ ଅନୁଉପସ୍ଥିତ ରହିଥିଲେ କ୍ଷ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ପୋଲିସ କର୍ମଚାରୀ ନିୟୋଜିତ ରହିଥିଲେ କ୍ଷ ଏହି ପରୀକ୍ଷା କୁ ବାଳିକା ଉଚ୍ଚ ବିଦ୍ୟାଳୟ ର ୍ାଣିଶ୍ରୀ ପଣ୍ଡା, ନମିତା ପାଣି, ଲକ୍ଷ୍ମୀ ଦାସ,ଇନ୍ଦିରା ଦାସ, ପ୍ରଶାନ୍ତ କୁମାର ପାଣି, ପଦ୍ମାବତୀ ଦୋରା, ପି. ରୋଜା, ସୁ ଶ୍ରୀ ପ୍ରିୟମ୍ବଦା ସମେତ ବାହାର ବିଦ୍ୟାଳୟ ର ୦୮ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ପରୀକ୍ଷା ପରିଚାଳନା ରେ ସହଯୋଗ କରିଥିଲେ । ଏହି ରାଜ୍ୟ ମୁକ୍ତ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷା ଆଜି ଠାରୁ ଆରମ୍ଭ ହୋଇ ଜୁଲାଇ ୧୦ ରେ ଶେଷ ହେବ ।

## ପାରାଦୀପ ମହାବିଦ୍ୟାଳୟ ଏନସିସି କ୍ୟାଡଟ୍ସ ଓ ପୁରାତନ ଛାତ୍ର ସଙ୍ଘ ପକ୍ଷରୁ ସ୍ୱଚ୍ଛତା ଅଭିଯାନ



ପାରାଦୀପ, (ମହାଭାରତ): ପାରାଦୀପ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ ଓ ଏନ୍‌ସିସି ପୁରାତନ ଛାତ୍ର ସଂଘ ପକ୍ଷରୁ ମାଉସି ମା ମନ୍ଦିର ନିକଟସ୍ଥ ଅଞ୍ଚଳରେ ୫୧ତମ ସ୍ୱଚ୍ଛତା ଅଭିଯାନ ରବିବାର ଦିନ ସକାଳେ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ କମାଣ୍ଡର ସୁଶାନ୍ତ କୁମାର ମହାନ୍ତି, ଏନ୍‌ସିସିର ୩ ଓଡିଶା ନାଭାଲ୍ ୟୁନିଟ କମାଣ୍ଡିଂ ଅଫିସର, ଯିଏ ପାରାଦୀପର ଏନ୍‌ସିସି କ୍ୟାଡେଟ ଓ ପୁରାତନ ଛାତ୍ରମାନଙ୍କର ସମର୍ପଣ ଓ ସେବାଭାବକୁ ପ୍ରଶଂସା କଲେ । ସେ ଜନସଚେତନତା ଓ ଜନ ଉପକାରିତା ର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଅଭିଯାନ ସମୟରେ ମାଉସି ମା ମନ୍ଦିର ପ୍ରାଙ୍ଗଣ ଓ ପୋଖରୀକୁ ପ୍ଲାଷ୍ଟିକ ବସ୍ତା ଓ ଆବର୍ଜନା ସଫା କରାଯାଇଥିଲା । ପୁରାତନ ଛାତ୍ର ସଂଘର ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର ସାଧାରଣ ଲୋକଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର କରିବାରୁ ବଞ୍ଚିବା ରହିବା ଓ ପାରାଦୀପ ପୌରପାଳିକା ପ୍ରଦତ୍ତ ଡଷ୍ଟବିନ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ । ଲେଫ୍ଟନାଣ୍ଟ କମାଣ୍ଡର ଏ. ସି. ମିଶ୍ର, ଏନ୍ ?ଓ ଓ ପରାମର୍ଶଦାତା ଏନସିସି ଓ ଆଲୁମନି ଆସୋସିଏସନ ସ୍ୱେଚ୍ଛାସେବୀ ଙ୍କୁ ଉତ୍ସାହିତ କରି "ନେସନ୍ ଫାର୍ଷ୍ଟ, ସ୍ୱଚ୍ଛତା ହି ସେବା" ମନ୍ତ୍ରକୁ ପୁନଃଦୃଢ କରିଥିଲେ । ଏଥିରେ ପ୍ରାୟ ୪୦ ଜଣ ଏନ୍‌ସିସି କ୍ୟାଡେଟ୍ ଓ ୧୫ ଜଣ ପୁରାତନ ଛାତ୍ର ସଙ୍ଘ ସଦସ୍ୟ ଉତ୍ସାହିତ ଭାବେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂଘର ଉପାଧ୍ୟକ୍ଷ ବିକ୍ରମସିଂହ ମହାରଣା, ସହ ସମ୍ପାଦକ ନିଳିମା ପ୍ରିୟଦର୍ଶିନୀ, କାର୍ଯ୍ୟକାରିଣୀ ସଦସ୍ୟ ହରପ୍ରିୟା ପଟ୍ଟନାୟକ, ଲିପୁନା ବାରିକ, ଜିତେନ୍ଦ୍ର ବାରିକ, ସରୋଜ ସ୍ୱାଇଁ, ରାଜା ମଲିକ, ଦୀପକ କରଣ, ମଧୁସ୍ମିତା, ସୁଚରିତା ରାଉତ, ଅରୁଣିମା ଓ ଏନସିସି କ୍ୟାଡେଟ୍ ପିକୁନ୍ ସେନାପତି, ବିନାୟକ ମହାରଣା, ବିଜୟ ଘଡେଇ, ସୁମିତ୍ରା ଗେଡି, ସୁଭଲକ୍ଷ୍ମୀ ବିଶ୍ୱାଳ, କଣ୍ହା ବିଶ୍ୱାଳ ଓ ରାହୁଲ ପ୍ରମୁଖ ଏହି ସ୍ୱଛତା କାର୍ଯ୍ୟକ୍ରମରେ ସକ୍ରିୟା ଅଂଶଗ୍ରହଣ କରିଥିଲେ । ତେବେ ଚଳିତ ରଥ ଯାତ୍ରାରେ ପାରାଦୀପ ରେ ପ୍ରଥମ ଥର ପାଇଁ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିବା ବେଳେ ସେହି ଅନୁପାତରେ ବହୁ ଅଳିଆ ଆବର୍ଜନା ବିକ୍ଷିପ୍ତ ଅବସ୍ଥାରେ ପଡି ପରିବେଶ ଦୂଷିତ କରୁଥିବା ଦେଖିବାକୁ ମିଳିଥିଲା । ଯଦିଓ ସେହି ସ୍ଥାନ ସବୁକୁ ପୌର ପ୍ରଶାସନ ପକ୍ଷରୁ ସଫେଇ କରାଯାଉଥିବା ବେଳେ ସେମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଏନସିସି ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ନେଇ କହିଛନ୍ତି ଏନସିସି ପୁରାତନ ଛାତ୍ର ସଙ୍ଘର ଅଧ୍ୟକ୍ଷ ଅମ୍ବିକା ମହାପାତ୍ର ।

## ବାଇକ ସହ ମଦ ଜବତ, ଜଣେ କୋର୍ଟ ଚାଲାଣ



ବାଇକ କୁ ଜବତ କରିଛି। ଗିରଫ ଜଣକ ହେଉଛନ୍ତି ପୋଡ଼ିଆବେଡା ଗ୍ରାମର ମୁନା ହାଁସଦା ବୋଲି ଜଣାପଡ଼ିଛି।ଏ ସଂକ୍ରାନ୍ତରେ ଅବକାରୀ ଥାନା ପୋଲିସ କେଶ ନମ୍ବର-୬୧/ ୨୦୨୫-୨୬ ଅନୁଯାୟୀ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି।କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀଣୀ ଭାରତୀ ନାୟକ,ଏଏସଆଇ ଲକ୍ଷ୍ମଣ ନାୟକ ସମେତ

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ଅବକାରୀ ଥାନା ପୋଲିସ ସୋମବାର ଦିନ ବାଇକଯୋଗେ ଚୋରା ରେ ମହୁଲି ମଦ ନେଉଥିବା ବେଳେ ଜଣେ ଯୁବକ କୁ ଗିରଫ କରିବା ସହ ୪୦ ଲିଟର ଦେଶୀ ମହୁଲି ମଦ ସହିତ ବ୍ୟବହୃତ ଅବକାରୀ ପୋଲିସ ପୋଡ଼ିଆବେଡା-କେନ୍ଦୁଜିଆଣି ରାସ୍ତା ର ଖଣ୍ଡବନ୍ଧ ନିକଟରେ ରାସ୍ତା ଉପରେ ବାଇକ ଅଟକାଇ ଥିଲେ। ବାଇକରେ ସେ ପ୍ଲାଷ୍ଟିକ ଜାରକିନ ରେ ମଦ ଥିବା ଦେଖି ତାଙ୍କୁ ଧରିଥିଲେ।

## ସାନ୍ତାଳୀ ହୁଲ ମାହା ପାଳିତ




କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ କେନ୍ଦୁଝର ସୀମାନ୍ତ ମାରନାଡିହି ଗ୍ରାମ ରେ ସାନ୍ତାଳୀ କ୍ରାନ୍ତି ଦିବସ (ହୁଲମାହା) ପାଳିତ ହିଯାଇଛି । ମାରନାଡିହି ଗ୍ରାମ ର ନାୟକେ ବାବା ମହେଶ୍ୱର ଟୁଡୁ କ୍ରାନ୍ତି ବୀର ମାନଙ୍କ ଫଟ ଚିତ୍ର ରେ ପୂଜା ଅର୍ଚ୍ଚନା କରିଥିଲେ । ତା ପରେ ମାଝୀ ବାବା ଲକ୍ଷ୍ମଣ ଟୁଡୁ କ୍ରାନ୍ତି ବୀର ମାନଙ୍କ ଫଟ ଚିତ୍ର ରେ ଫୁଲ ଦୀପ ଧୂପ ଜଳାଇ ଥିଲେ। ଶିକ୍ଷାବିତ ରାମଶିଂ ମୁର୍ମୁ ଙ୍କ ସଭା ପତି ଅନୁଷ୍ଠିତ ସଭା ରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଦିସମ ପାର୍ଣିକ ନିମୁ ଟୁଡୁ ମୁଖ୍ୟ ବକ୍ତା ଭାବେ ଶିକ୍ଷକ ବୁଦ୍ଧଦେବ ହାଁସଦା, ଶବାନ ହାଁସଦା , ସାମ୍ବାଦିକ ବସନ୍ତ କୁମାର ସୋରେନ, ଚୌତନ ମୁର୍ମୁ ପ୍ରମୁଖ ପହଞ୍ଚି ସିଦ କାନହୁ ହଲ କ୍ରାନ୍ତି ୧୮୫୫ ବିଷୟ ରେ ଆଲୋଚନା କରିଥିଲେ । ଶେଷରେ ଜିତରାୟ ସୋରେନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ।

## ସାମାଜିକକର୍ମୀଙ୍କୁ ଆକ୍ରମଣ ଥାନାରେ ଅଭିଯୋଗ

ଦାନଗଦୀ : (ମହାଭାରତ) ସାମାଜିକ ଗଣ ମାଧମ ରେ ଫେକ ଆଇଡି ଜରିଆରେ ଚରିତ୍ର ସଂହାର କରି ସାମାଜିକକର୍ମୀ ତଥା ଜଣେ ସାମ୍ବାଦିକ ଙ୍କୁ ଦିବାଲୋକ ରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ (ଡାନି)ଙ୍କ ନିର୍ଦ୍ଦେଶ ରେ ଆକ୍ରମଣ କରାଯାଇଥିବା ସମ୍ପର୍କ ରେ ସୁକିନ୍ଦା ଥାନା ରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାର ରେ ସୁକିନ୍ଦା ଆଇଆଇସି ଘଟଣାର ଛାନ ଭିନ କରୁଥିବା ଜଣାପଡିଛି। ସୂଚନା ଯୋଗ୍ୟ ସିଭିଲ ସୋସାଇଟ ଫୋରମ ଯାଜପୁର ର ସମ୍ପାଦକ ତଥା ସାମ୍ବାଦିକ ବିଶ୍ୱନାଥ ପାତ୍ର ଙ୍କ ସହ ତାଙ୍କ ପରିବାରର ଚରିତ୍ର ସଂହାର କରି ସୁକିନ୍ଦା ଜାମୁପୋଷି ଗ୍ରାମର ସୁଶାନ୍ତ ମଲ୍ଲିକ ନାମକ ଜଣେ ଯୁବକ ରବିବାର ଦିନ ଫେସ ବୁକ ରେ ପୋଷ୍ଟ କରିଥିଲେ। ଏବଂ ଯୋଜନାବଦ୍ଧ ଭାବେ ସୋମବାର ସକାଳୁ ସୁକିନ୍ଦା ବ୍ଲକ ସାମ୍ନା ରେ ଛପି ରହିଥିଲେ। ବିଶ୍ୱନାଥ ପାତ୍ର କୌଣସି ଏକ କାମରେ ବ୍ଲକ କାର୍ଯ୍ୟାଳୟ ଯାଉଥିବା ସମୟରେ ସୁଶାନ୍ତ ମଲ୍ଲିକ, ବିବେକାନନ୍ଦ ବୋଷ ଏବଂ କିଛି ବିଜେଡି କର୍ମି ହଟାତ ଆସି ତାଙ୍କ ବୁମ ଛଡ଼େଇବା ସହ ଅତର୍କିତ ଆକ୍ରମଣ କରି ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏବଂ ଡାନି ବାବୁ ବିରୁଦ୍ଧ ରେ ମୁହଁ ଖୋଲିଲେ ବମ ପକାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଅଶାଳୀନ ଭାଷା ରେ ଗାଳିଗୁଲଜ କରି ଡାନି ଙ୍କ ନିର୍ଦ୍ଦେଶ ନ ମାନିଲେ ବିଚ ରାସ୍ତାରେ ହତ୍ୟା କରିବାକୁ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି। ସୁକିନ୍ଦାର ପୂର୍ବତନ ବିଧାୟକ ଗଣତାନ୍ତ୍ରିକ ଧି ବ୍ୟବସ୍ଥା କୁ କୁଠାର ଘାତ କରି ରାଜନୈତିକ ଅଭିଶନ୍ଧି କୁ ଚରିତାର୍ଥ କରିବାକୁ ସୁକିନ୍ଦା ମାଟିରେ ଅଶାନ୍ତିର ବିଷ ମଞ୍ଜି ବୁଣି ହିଂସା,ବିଦ୍ୱେଷ ସୃଷ୍ଟି କରି ଦଙ୍ଗା ଭିଆଇବାକୁ ଷଡଯନ୍ତ୍ର ରଚୁଥିବା ସମ୍ପର୍କ ରେ ପୋଲିସ ଦୃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ବନ୍ଧରେ ବିଶ୍ୱନାଥ ପାତ୍ର ଲିଖିତ ଅଭିଯୋଗ କରି ନିଜ ଜୀବନ ର ସୁରକ୍ଷା ସହ ଦୃ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣା ପଡିଛି।

## ମୈଥାନ କାରଖାନା ରୁ ଚୋରୀ ଅଭିଯୋଗ ରେ ଜଣେ ଗିରଫ

କଳିଙ୍ଗନଗର(ମହାଭାରତ):ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ମୈଥାନ ଇସ୍ପାତ କାରଖାନା ରୁ ଚୋରୀ ଅଭିଯୋଗ ରେ ଜଣଙ୍କୁ ଯଖପୁରା ପୋଲିସ ଗିରଫ କରିବା ସହ ତା ଠାରୁ ଚୋରୀ ସାମଗ୍ରୀ ଜବତ କରିଛି। ଖବର ମୁତାବକ ଏହି କାରଖାନା ର ସୁରକ୍ଷା ଅଧିକାରୀ ବିଦ୍ୟାଧର ମହାନ୍ତି ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ କାରଖାନା ରୁ ଛଅ ଟି କନଭେୟାର ମୋଟର ଓ ଗୋଟେ ସମର ସିଭୁଲ ମୋଟର ଚୋରୀ ହୋଇଯାଇଛି, ଅଭିଯୋକୁ ଭିତ୍ତି କରି ଯଖପୁରା ପୋଲିସ ବରପାଳ ଗାଁ ର ସ୍ୱର୍ଗତ ଗଦାଧର ନାଏକ ଙ୍କ ପୁଅ ଜଗା ନାଏକ କୁ ଗିରଫ କରି ତା ପାଖରୁ ଚୋରୀ ହୋଇଥିବା ସାମଗ୍ରୀ ଜବତ କରି କେସ ନମ୍ବର ୯୫/ ୨୫ ରେ କୋର୍ଟ ଚାଲାଣ କରିଛି ଓ ଏହି ଘଟଣା ରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଯଥା ଶୀଘ୍ର ଧରା ଯିବ ବୋଲି ପୋଲିସ କହିଛି।



# ମରଣଜନ୍ତା ପାଲଟିଛି ମା’ ଉକୁଳେଇ ପୀଠ ରାସ୍ତା

ଅସ୍ତରଙ୍ଗ(ମହାଭାରତ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ପ୍ରସିଦ୍ଧ ଠାକୁରାଣୀ ମାଉକୁଳେଇ ଙ୍କ ପୀଠ କୁ ସଂଯୋଗ କରୁଥିବା ରାସ୍ତାଟି ଦୀର୍ଘ ଦିନ ଧରି ମରାମତି ଅଭାବରୁ ଖାଲ ଖମା ସୃଷ୍ଟି ହେବା କାରଣରୁ ବର୍ଷା ପାଣି ଜମି ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ମାଆଙ୍କ ଦର୍ଶନ ପାଇଁ ଶହ ଶହ ଶ୍ରଦ୍ଧାଳୁ, ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ର ଶହ ଶହ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକଙ୍କ ସହିତ କଲେଜ କର୍ମଚାରୀ, ଚାଷୀ ଭାଇ ମାନେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି ଏବଂ ଅସ୍ତରଙ୍ଗ ଅଂଚଳର ୧୫ ଗ୍ରାମପଞ୍ଚାୟତକୁ ବିଦ୍ୟୁତ ଯୋଗାଉଥିବା ସରକାରୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ମଧ୍ୟ ରହିଥିବା ବେଳେ ବିଦ୍ୟୁତ ଉପଭୋକ୍ତା ମାନେ ମଧ୍ୟ ଏହି ରାସ୍ତା ଦେଇ କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏତଦ୍ ବ୍ୟତୀତ ମା ଉକୁଳେଇ ଠାକୁରାଣୀଙ୍କ ପୀଠକୁ ପ୍ରତ୍ୟେକ ଦିନ ବହୁ ଦୂର ଦୂରାନ୍ତରୁ ଭକ୍ତ ମାନଙ୍କ ଆଗମନ ହୋଇଥାଏ ।ଅଂଚଳର ଅନେକ ଲୋକମାନେ ବିବାହ, ର୍ନିବନ୍ଧ, ବିଭିଉ ପୂଜା ଏମିତି ଅନେକ କାର୍ଯ୍ୟକ୍ରମ ପାଇଁ ଏହି ଉକୁଳେଇ ପୀଠରେ କରିଥାନ୍ତି କିନ୍ତୁ ସେଠାକୁ ଯିବା ପାଇଁ ଥିବା ରାସ୍ତା ଏବେ ମରାମତି ଅଭାବ ରୁ ନଷ୍ଟ ହୋଇଯାଇଛି । ଫଳରେ ପ୍ରତିଦିନ ଲୋକମାନେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି।



ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ଜରୁରୀ ସମୟରେ ଆମ୍ବୁଲାନ୍ସ ଟିଏ ଯିବା ଆସିବା କରିବା କଷ୍ଟକର ।ଅଞ୍ଚଳ ରେ ଥିବା ଜନବସତି କୁ ପୂର୍ବ ସରପ□ ଙ୍କ ସମୟ ରେ ଏକ କଂକ୍ରିଟ ଲେଇ ରାସ୍ତା ଥିଲା ମାତ୍ର ଏହା ବର୍ତ୍ତମାନ ମାଟି ଧସ୍ତି ପୋଖରୀ ସହିତ ସଂଲଗ୍ନ ହେବାକୁ ଯାଉଛି, ବର୍ଷା ଦିନ ରେ କେଉଁ ମୁହୂର୍ତ୍ତ ରେ ଯଦି ସମ୍ପୂର୍ଣ୍ଣ ରାସ୍ତା ଅତଡ଼ା ଖସି ଯିବ ତାହେଲେ ୧୫ ପରିବାର ଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯିବ, ରାସ୍ତା ଉପରେ ପ୍ରତ୍ୟେକ ଦିନ ଭକ୍ତ, ଛାତ୍ର ଛାତ୍ରୀ ଓ ସାଧାରଣ ଲୋକ ଙ୍କ ର୍ନିଭର ମାତ୍ର ସବୁଠୁ ଦୁଃଖ ବିଦାରକ ବିଷୟ ବସ୍ତୁ ଏହି ପ□ାୟତ ର ସମିତି ସଭ୍ୟ ନିଜେ ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ କିନ୍ତୁ ଏହି ୱାର୍ଡ ର ଲୋକ ଙ୍କ ଗମନା ଗମନ ବ୍ୟବସ୍ଥା ଉପରେ କୌଣସି ପ୍ରଶାସନ ର ଦୃଷ୍ଟି ପଡୁନାହିଁ,ଏ ବାବଦରେ ଆମେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା ଙ୍କ ମତାମତ ଲୋଡ଼ିବା ପରେ ସେ କହିଛନ୍ତି ଯେ ଏ ସଂକ୍ରାନ୍ତ ରେ କେନ୍ଦ୍ରାପଟି ପଞ୍ଚାୟତ କାର୍ଯ୍ୟ ର୍ନିବାହୀ ଅଧିକାରୀ ଙ୍କୁ ରିପୋର୍ଟ ମଗାଯିବ ଆଉ ଆବଶ୍ୟକ ସ୍ଥଳେ ଘଟଣା ସ୍ଥଳକୁ ଯାଇ ତର୍ଜମା କରିବା ସହ ଯେଉଁ ବିଭାଗ ଅଧୀନରେ ଥିବ ଏହାକୁ ଯେତେ ଦୂର ସମ୍ଭବ ମରାମତି କରାଯିବ, ମାତ୍ର ବର୍ତ୍ତମାନ ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ଜିଲ୍ଲା ପ୍ରଶାସନ,ସ୍ଥାନୀୟ ପ୍ରଶାସନ ସମେତ ର୍ନିବାଚିତ ସରପ□ ଙ୍କ ନିକଟରେ ଅଞ୍ଚଳ ବାସୀ ଦାବୀ କରିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ ବୋମିକା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ବୋମିକା ଗ୍ରାମ ପଞ୍ଚାୟତ ସମେତ କ□ରାଗଡ , ମଧୁସୂଦନପୁର ଓ ମାଛମାରା ପଞ୍ଚାୟତର ସମୁଦାୟ ମୋଟ-୫୪ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୫ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା- ୩୯ ଗୋଟି ଅଭିଯୋଗ ଆସିଥିଲା , ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାର ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ର୍ନିମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିଉ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଗୋସାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଏନ.ବୀରାରାଜୁ ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକ, ତହସିଲଦାର ଶ୍ରୀ ନାରାୟଣ ବେହେରା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଆଲ୍ଲୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିଉକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ।

## ଖାରିଆ ସରପଞ୍ଚ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘାଟନ

ଆସିକା (ମହାଭାରତ): ଆସିକା ପଂଚାୟତ ସମିତି ଅନ୍ତର୍ଗତ ଖାରିଆ ସରପଞ୍ଚ ଦ୍ୱାରା ବିଭିନ୍ନ ପ୍ରକଳ୍ପ ର ଶୁଭ ଉଦଘାଟନ ହୋଇ ଯାଇଛି । ଆଜି ଖାରିଆ ପଂଚାୟତ ର ଟେକ୍ନିକାଲ ହାଇସ୍କୁଲ ର ଏକ ଛାତ୍ର ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଶୌଚାଳୟ ଏବଂ ଏକ ପାନୀୟଜଳ ଫିଲଟର କୁ ଉଦଘାଟନ କଲେସରପଞ୍ଚ ଜୟନ୍ତୀ ସାହୁ । ଆସିକା ର ସର୍ବ ପୁରାତନ ଟେକ୍ନିକାଲ ହାଇସ୍କୁଲ ରେ ୪୨୮ ଜଣ ଛାତ୍ର ଛାତ୍ରୀ ଚଳିତ ଶିକ୍ଷା ବର୍ଷ ରେ ଅଧ୍ୟୟନରତ ଅଛନ୍ତି । ଛାତ୍ର ମାନଙ୍କ ନିମନ୍ତେ ଶୌଚାଳୟ ର ଅଭାବ କୁ ବିଚାରକରି ଗତ ୨୦୨୩-୨୪ ଶିକ୍ଷା ବର୍ଷ ରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରେ ମିଳିଥିବା ୦୨ ଲକ୍ଷ ୧୦ ଟଙ୍କା ବ୍ୟୟ ରେ ବିଦ୍ୟାଳୟ ମଧରେ ଶୌଚାଳୟ ର୍ନିମାଣ ହୋଇ ଥିଲା । ସେହିଭଳି ଖାରିଆ ସରପ□ ନିଜସ୍ୱ ହାତ ପାଣ୍ଠିରୁ ଏହି ବିଦ୍ୟାଳୟ କୁ ଏକ ବିଶୁଦ୍ଧ ପାନୀୟ ଜଳ ମେସିନ ପ୍ରଦାନ କରିଥିଲେ । ଆଜିର ଏହି ଅବସର ରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପ୍ରତାପ କୁମାର ମହାପାତ୍ର, ଶିକ୍ଷକ କୈଳାସ ଚନ୍ଦ୍ର ଗୌଡ଼ ସମେତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ।

## ଶାଳିଜଙ୍ଗା ଗ୍ରାମରୁ ବିଷଧର ବୋଡା ସାପ ଉଦ୍ଧାର

ଦାନଗଦି(ମହାଭାରତ)ଦାନଗଦି ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ଶାଳିଜଙ୍ଗା ଗ୍ରାମର ସରପଞ୍ଚ ବିଜୟ ଲକ୍ଷ୍ମୀ ଦାସଙ୍କ ବାଡ଼ିରୁ ଏକ ୬ଫୁଟର ବିଷଧର ବୋଡା ସାପକୁ ସଖାଳ ସମୟରେ ପରିବାର ଲୋକ ଦେଖିଥିଲେ । ବନ ବିଭାଗର କର୍ମଚାରୀ ମାନଙ୍କ ସହିତ ଯୋଗାଯୋଗ କରିଥିଲେ। ଡୁବୁରୀ ବନବିଭାଗର କର୍ମଚାରୀ ମାନେ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାକରୀ ବୋଡା ସାପଟି ଉପରେ ନଜର ରଖି ଘଟଣାସ୍ଥଳରୁ ୬ଫୁଟର ବିଷଧର ସାପଟିକୁ ସତର୍କତା ସହ ସୁରକ୍ଷିତ ଉପାୟରେ ସାପକୁ ଉଦ୍ଧାର କରି ଶାଳିଜଙ୍ଗା ନିକଟରେ ଜଙ୍ଗଲରେ ବୋଡା ସାପଟିକୁ ସୁରକ୍ଷିତ ଉପାୟରେ ଛାଡାଯାଇଥିଲା।

## ନୃସିଂହ ଓ ବରାହ ଅବତାରରେ ଠାକୁର



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ଆଜି ଠାକୁରଙ୍କର ନୃସିଂହ ଓ ବରାହ ଅବତାର ଦେଖିବା ସକାଶେ ଭକ୍ତମାନଙ୍କ ସୁଅ ଛୁଟୁ ଥିବାର ଦେଖିବାକୁ ମିଳିଛି। ପାଗ ଆଜି ଅନୁକୂଳ ଆଖପାଖ ଗ୍ରାମ, ପୁରପଲ୍ଲୀରୁ ବହୁତ ଭକ୍ତଙ୍କ ସମାଗମ ହେଉଛି। ଏହି ଦଶ ଦିନ ଠାକୁରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଠାକୁରଙ୍କ ଦଶ ଅବତାର ଦର୍ଶନ କରିବା ସକାଶେ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ୍ୟ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତ ମାନେ ନଡିଆ କଦଳୀ ଫୁଲ ଫଳ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଛନ୍ତି ଓ ମହା ପ୍ରଭୁଙ୍କ ଆଶୀର୍ବାଦ ନେଉଛନ୍ତି। ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟୁଛି। ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି।

## ଆଠ ତାରିଖ ରୁ ସମସ୍ତ ଡ୍ରାଇଭର ଙ୍କ ଷ୍ଟିୟରିଂ ଛାଡ଼, ସାତ ଦଫା ଦାବି ରେ ଶାନ୍ତିପୂର୍ଣ୍ଣ ଧାରଣା

ନୟାଗଡ଼, ( ମହାଭାରତ ) : ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ଓଡ଼ିଶା ଡ୍ରାଇଭର ମହାସଂଘ ସଜବାଜ ହେଉଛି। ରାଜ୍ୟବ୍ୟାପୀ ମହାସଂଘର ଏହି ଆନ୍ଦୋଳନ ଡାକରାରେ ଜିଲ୍ଲା ସ୍ତରରେ ସଂଘ ଗୁଡ଼ିକ ମଧ୍ୟ ସାମିଲ ହେବେ। ନୟାଗଡ଼ରେ ମଧ୍ୟ ଏଥିପାଇଁ ସଂଘ ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଚାଲିଥିବା ବେଳେ ସାତ ଦଫା ଦାବିରେ ଆନ୍ଦୋଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସଂଘର ଜିଲ୍ଲା ସଭାପତି ପାଣ୍ଡୁ ଚରଣ ସାଇଁଙ୍କ ଅଭିଯୋଗ ମୁତାବକ, ଗାଡ଼ି ଚାଳକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭିଉଭିଉ ଉପାୟରେ ବାରମ୍ବାର ସରକାରଙ୍କୁ ଅବଗତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସଂଘର ଥିବା ୭ଦଫା ଦାବିକୁ ପୂର୍ବ ହେଉ କି ବର୍ତ୍ତମାନ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ଗତ ମାର୍ଚ୍ଚ ୨୯ରେ ଦୀର୍ଘ ୬ ଦିନ ପର୍ଯ୍ୟନ୍ତ ଲୋୟର ପିଏମ୍ଜିରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ତଥାପି କୌଣସି ସୁଫଳ ମିଳିଲା ନାହିଁ। ଏହାଦ୍ୱାରା ଚାଳକ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଣୁ ସରକାର ଯଦି ଆସନ୍ତା ମାସକ ମଧ୍ୟରେ ଦାବି ମାନି ନିଅନ୍ତି, ତେବେ ଆସନ୍ତା ୮ ତାରିଖରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ସଂଘ ଓହ୍ଲାଇବ। ସମ୍ପାଦକ ପବିତ୍ର ମୋହନ ପଲେଇଙ୍କ ସୂଚନା ମୁତାବକ, ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ସହ ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛି। ସରକାରଙ୍କୁ ସମ୍ପୂର୍ଣ୍ଣ ଅସହଯୋଗ କରିବାକୁ ଯାଇ ପରିବହନ ବ୍ୟବସ୍ଥାକୁ ବାଧାପ୍ରାପ୍ତ କରାଯିବ।




ଜରୁରୀକାଳୀନ ସେବାରେ ନିୟୋଜିତ ଥିବା ଗାଡ଼ି ଗୁଡ଼ିକୁ କୌଣସି ପ୍ରକାର ହଇରାଣ କରାଯିବ ନାହିଁ। ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ରେ ଚାଳକ ମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସି ରହିବେ। ଏହି ସମୟରେ ସାଧାରଣ ଲୋକ ଯାହା ସମସ୍ୟା ଭୋଗିବେ, ସେଥିପାଇଁ ସରକାର ଦାୟୀ ରହିବେ। ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ଜ୍ଞାନେନ୍ଦ୍ର କୁମାର ପୃଷ୍ଟି କୁହନ୍ତି ଯେ, ବର୍ତ୍ତମାନ ଗାଡ଼ି ମାଲିକ ଓ ଚାଳକ ସମସ୍ତେ ଦୁଃଖରେ ଅଛନ୍ତି। ସରକାର ଟ୍ରକରେ ମାଲ୍ ପରିବହନ ନକରି ରେଳ ୱାଗନ ଉପରେ ବେଶୀ ର୍ନିଭର କରୁଛନ୍ତି। ଏହାଦ୍ୱାରା ଉଭୟ କ୍ଷତି ସହୁଛନ୍ତି। ଏଣୁ ସଂଘର ଦାବି ଉପରେ ନିଶ୍ଚିତ ଭାବେ ସରକାର ପଦକ୍ଷେପ ନେବା ଉଚିତ।

## ଗଣେଶ ନାଗାର୍ଜୁନଙ୍କ ଦେବଗଡ ଗସ୍ତ



ଦେବଗଡ (ମହା ଭାରତ): ସୋମ ବାରଶ୍ରୀ ଗଣେଶ ନାଗାର୍ଜୁନ ତିନିଦିନିଆ ଦେବଗଡ଼ ଜିଲ୍ଲା ଗସ୍ତ ରେ ଆସିଥିବାବେଳେ ୧୯ ଟି ଗ୍ରାମ ପଞ୍ଚାୟତ ବାରକୋଟ ଓ ରିଆମାଳ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। ଜିଲ୍ଲା ର ବିକାଶ ନିମନ୍ତେ ଶ୍ରୀ ନାଗାର୍ଜୁନ ର୍ନିମାଣଧିନ ହୋଇଥିବା ଗୋପପୁର ଗ୍ରାମର ପାନୀୟ ଜଳ ଓ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ବିଭିଉ ବିଷୟ ଉପରେ ଆଲୋଚନା କରିଛନ୍ତି। ଆଜି ଦ୍ୱିତୟ ଦିନରେ ବାଇଧର ନଗର ଗ୍ରାମରେ ଧର୍ତି ଆବା ଜନଜାତି। ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ରେ ଯୋଗଦେଇ ସରକାର ଙ୍କର ବିଭିଉ ଲୋକଭିମୁଖୀ ସେବା ଯଥା ଆଧାର କାର୍ଡ, ପ୍ରଧାନମନ୍ତ୍ରୀ କିସାନ କାର୍ଡ, ଜାତିଗତ ପ୍ରମାଣପତ୍ର, ରାସନ କାର୍ଡ, ପିଏନ ଜନମନ ଖାତା ଉପରେ ଲୋକ ମାନଙ୍କୁ ସଚେତନତା କରାଯାଇଥିଲା । ଏଥି ସହ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ ତଥା ଛାତ୍ର ଛାତ୍ରୀ ଙ୍କ ସହ ବିଦ୍ୟାଳୟ ର ସୁବିଧା ଅସୁବିଧା ସମ୍ପର୍କ ରେ ଆଲୋଚନା କରିଲେ ଏବଂ ଅସୁବିଧା ଗୁଡ଼ିକୁ ଯଥାଶୀଘ୍ର ଦୂର କରିବା ପାଇଁ ଶ୍ରୀ ନାଗାର୍ଜୁନ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟେକ୍ନିକାଲ ଅଫିସର ର୍ନିମଳ ଛିତରା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ସଂନ୍ଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ପ୍ରୋଗ୍ରାମ ମ୍ୟାନେଜର ପ୍ରତାପ ପଣ୍ଡା, ସ୍ୱେଶିଆଲ ଅଫିସର ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ରୁଗୁଡ଼ା କୁଦର୍, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମୀଣ ଜଳ ଯୋଗାଣ ଶୁଭାଶିଷ ଦାସ, କନିଷ୍ଠ ଯନ୍ତ୍ରୀ ସୁବାସ ଚନ୍ଦ୍ର ମହାପାତ୍ର, ଟି ପି ଏଲ୍ ପ୍ରୋଜେକ୍ଟ ମ୍ୟାନେଜର, ଜଳ ପରୀକ୍ଷା ଲାବୋଟରୀ ମ୍ୟାନେଜର, ସରପଞ୍ଚ, ଠିକାଦାର ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## କବିତା ପାଣିଗ୍ରାହୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର କେରାଣ୍ଡି ପଞ୍ଚାୟତର ବି ସୀତାପୁର ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ କବିତା ପାଣିଗ୍ରାହୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ଏଥି ସହିତ ଫାଇନାଲ୍ ପେନସନ ପେପର ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ସୀତାରାମ ପାତ୍ର, ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଏନ ବିମଳ,ସୁଲତା ପାଣ୍ଡବ,ବେଣୁ ମାଧବ ପାଢ଼ୀ ,ଏମ୍ ରବି କୁମାର, ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କେ ପାର୍ବତୀସମଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।ଶ୍ରୀମତୀ କବିତା ପାଣିଗ୍ରାହୀ ବି ସୀତା ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ।

## ଭାରସାମ୍ୟ ହରାଇ ଗଛରେ ପିଟିଲା ଟ୍ରକ୍ ଅଳ୍ପକେ ବର୍ତ୍ତିଲା ଚାଳକ

ଦେବଗଡ଼(ମହା ଭାରତ) ସୂଚନା ଅନୁଯାୟୀ ଆଜି ରାତି ପ୍ରାୟ ୯ଘଟିକା ସମୟରେ ଏକ ଟ୍ରକ୍ ଗାଡ଼ି ନମ୍ବର ଓ ଡି ୧୬ଏଲ୍ ୭୭୯୭ ଗାଡ଼ିଟି କଟକ ରୁ ଅଳିଆ ଲୋଡ କରି ବାହାଡା ପଶି ଦେଇ ରାଉରକେଲା ଯାଉଥିବା ସମୟରେ ବାହାଡା ପଶି ରୁ ରାଉରକେଲା ରାଜ୍ୟ ରାଜପଥ ର ମାତ୍ର ତିନି କିଲୋମିଟର ଭିତରେ ଥିବା ବଲଣ୍ଡା ଘାଟି ଟି ପା ରି କରୁଥିବା ସମୟରେ ଗାଡ଼ି ଭାରସାମ୍ୟ ହରାଇ ଏକ ଗଛରେ ପିଟିଲା। ଯା ଫଳରେ କି ଗାଡ଼ିଟି କେବିନ୍ ସହ ଡ୍ରାଇଭର କୁ ଗଛ ଟି ଚାପି ଥିବାରୁ, ବାରକୋଟ ଅଗ୍ନି ସମ ବାହିନୀ ଖବର ପାଇ କଟର ସାହାଯ୍ୟରେ କାଟି ବହୁ ସମୟ ପରେ ,ଗାଡ଼ି ଚାଳକ କୁ ଉଧାର କରିଛନ୍ତି ।ଏବଂ ତାକୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଆହତ ଡ୍ରାଇଭର କୁ ବାରକୋଟ ନିକଟସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଛନ୍ତି। ଚାଳକ ର ଅବସ୍ଥା ଗୁରୁତର ଥିବା ,ଖବର ଲେଖିବା ପର୍ଯ୍ୟନ୍ତ୍ ସୂଚନା ମିଳିଛି।

## ପହଲଗାମ ହୋଟେଲରେ ୭୦ ବର୍ଷୀୟ ପର୍ଯ୍ୟଟକଙ୍କୁ ଦୁଷ୍କର୍ମ ଘଟଣା: ଜାମିନ ଖାରଜ

ନୂଆଦିଲ୍ଲୀ : ଜମ୍ମୁ-କଶ୍ମୀରର ଅନନ୍ତନାଗରେ ଥିବା ଗୋଟିଏ କୋର୍ଟ ଜଣେ ୭୦ ବର୍ଷୀୟ ପର୍ଯ୍ୟଟକଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତିକୁ ଜାମିନ ଦେବାକୁ ମନା କରି ଦେଇଛନ୍ତି । ୭୦ ବର୍ଷୀୟ ପର୍ଯ୍ୟଟକଙ୍କ ସହ ଏଭଳି କାଣ୍ଡକୁ କୋର୍ଟ ସମାଜ ଭିତରେ ନୈତିକତାର ଅଭାବ ଓ ବିକୃତ ମାନସିକତାର ପରିଚୟ ବୋଲି କହିଛନ୍ତି । ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତି ଆହୁରି କହିଛନ୍ତି ଯେ ସମାଜର ନୈତିକ ମୂଲ୍ୟବୋଧ ସୁରକ୍ଷିତ ନ ରହିବା ଯାଏ କଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟ କେବଳ ଆବେଦନ ଦ୍ୱାରା ତିଷ୍ଟି ପାରିବ ନାହିଁ । ଏପ୍ରିଲ ୧୧ରେ ମହାରାଷ୍ଟ୍ରରୁ ପହଲଗାମ ବୁଲିବାକୁ ଯାଇଥିବା ଜଣେ ୭୦ ବର୍ଷୀୟ ପର୍ଯ୍ୟଟକଙ୍କୁ ସେ ରହୁଥିବା ହୋଟେଲ ଭିତରେ ମୁହଁ ବନ୍ଦ କରି ଦୁଷ୍କର୍ମ କରାଯାଇଥିଲା । ଅଭିଯୁକ୍ତ ଜଣକ ମହିଳାଙ୍କ ହୋଟେଲ ରୁମରେ ଧସେଇ ପଶିବା ସହ ଗୋଟିଏ କମ୍ବଳରେ ତାଙ୍କ ମୁହଁକୁ ବନ୍ଦ କରି ଦୁଷ୍କର୍ମ କରିବା ପରେ ସେଠାରୁ ଫେରାର ହୋଇଥିଲା । ଘଟଣାରେ ମହିଳା ଜଣଙ୍କ ଗୁରୁତର ଆହତ ହୋଇଥିଲେ । କୋର୍ଟ ଆଜି କହିଛନ୍ତି, "ମହିଳାଙ୍କ ସହ ଅତ୍ୟନ୍ତ ଭୟଙ୍କର ବ୍ୟବହାର ହୋଇଥିଲା । ଏହାକୁ କେବଳ ଗୋଟିଏ ଅପରାଧ ଭାବେ ନିନ୍ଦା କରାଯାଇ ପାରିବ ନାହିଁ । ଏହା ନୈତିକତାର ଅଭାବ । ଜଣେ ସମ୍ମାନୀତ ଅତିଥି, ଜଣେ ବରିଷ୍ଠ ମହିଳା ଯିଏ ସାଧୁ ଓ ସନ୍ଥଙ୍କ ମାଟିକୁ ବୁଲିବାକୁ ଆସିଥିଲେ ତାଙ୍କ ସହ ଅତ୍ୟନ୍ତ ଖରାପ ବ୍ୟବହାର କରାଯାଇଛି । ସେ ନିଜର ବାର୍ଦ୍ଧକ୍ୟ ସମୟରେ ଏହି ସ୍ଥାନକୁ ଚୟନ କରିଥିଲେ । କିନ୍ତୁ ତାଙ୍କ ସହ ଘଟିଥିବା ଘଟଣାକୁ ନେଇ ସେ କାହିଁକି ଏହି ସ୍ଥାନକୁ ଚୟନ କଲେ, ତା'କୁ ନେଇ ନିଶ୍ଚିତ ଭାବେ ଅନୁତାପ କରିବେ । ଏହା ଅତ୍ୟନ୍ତ ଦୁର୍ଭାବନା ଓ ବିକୃତ ମାନସିକତାର ପ୍ରତିବିମ୍ବ ।" ଘଟଣାର ଗମ୍ଭୀରତା ଓ ତଦନ୍ତରୁ ମିଳିଥିବା ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତ ଜୁବୈର ଅହମଦର ଜାମିନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି । ଏଥିସହ ଏହି ମାମଲାରେ ଜେଲ ବଦଳରେ ବେଲ ନୀତି ଏହି ମାମଲାରେ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ । ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ । ଅଭିଯୁକ୍ତ ଫେରାର ହେବାର ଓ ପ୍ରମାଣକୁ ନଷ୍ଟ କରିବାର ଆଶଙ୍କା ରହିଛି । ମାମଲାର ବଡ଼ ପ୍ରଭାବ ସମାଜ ଉପରେ ପଡ଼ିବାର ଥିବାରୁ କୋର୍ଟ ଜାମିନ ଆବେଦନକୁ ଖାରଜ କରୁଥିବା କହିଛନ୍ତି ।

## କେମିକାଲ ଭର୍ତ୍ତି ଟ୍ୟାଙ୍କର ବିସ୍ଫୋରଣ, ୧୦ ମୃତ



ତେଲଙ୍ଗାନା : ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦର କେମିକାଲ ଭର୍ତ୍ତି ଟ୍ୟାଙ୍କରରେ ଭୟଙ୍କର ବିସ୍ଫୋରଣ ହୋଇଛି । ଘଟଣାରେ ଅତିକମରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଅନେକ ଆହତ ହୋଇଛନ୍ତି । ଏହି ବିସ୍ଫୋରଣ ସିଗାଚି କେମିକାଲ୍ସରେ ହୋଇଛି । ଖବର ମୁତାବକ, ଏହି ଘଟଣାରେ ଅନେକ ଲୋକଙ୍କ ଅବସ୍ଥା ଗୁରୁତର ହୋଇଛି । ସୂଚନା ମିଳିବା ପରେ ଘଟଣା ସ୍ଥଳରେ ୨ଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଗୁରୁତର ଆହତ ହୋଇଥିବା ସମସ୍ତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ତେବେ ଆଗକୁ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅଧିକାରୀ କରିଛନ୍ତି । କାରଖାନାରେ ନିଆଁ ଲାଗିବାର କାରଣ ଜଣାପଡିନାହିଁ । କିନ୍ତୁ କୌଣସି ତ୍ରୁଟି ଯୋଗୁଁ ବିସ୍ଫୋରଣ ହୋଇଥିବା ଅନୁମାନ କରାଯାଉଛି ।

## ବଳାତ୍କାରୀଙ୍କୁ ମିଳୁଛି ସମର୍ଥନ

କୋଲକାତା : କୋଲକାତାର ଏକ ଆଇନ କଲେଜରେ ଜଣେ ଛାତ୍ରୀଙ୍କ ସହ ବଳାତ୍କାର ମାମଲା ସାରା ଦେଶରେ କ୍ରୋଧ ସୃଷ୍ଟି କରିଛି । ଏହି ସମୟରେ, କଲେଜର କାନ୍ଥରେ ଲେଖାଯାଇଥିବା ଏକ ଧାଡି ସମସ୍ତଙ୍କୁ ଚକିତ କରିଛି, ଯେଉଁଥିରେ ଲେଖାଯାଇଛି – 'ମନୋଜିତ ଦା ହମାରେ ଦିଲ ମେଁ ହୈ (ଟିମ ଏମଏମ) ଏହା ସେହି ମନୋଜିତ ମିଶ୍ର, ଯିଏ ଏହି ବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ଏବଂ କଲେଜର ପୂର୍ବତନ ଛାତ୍ର ମଧ୍ୟ ରହିଆସିଛନ୍ତି । ମନୋଜିତ ମିଶ୍ର କଲେଜରେ ତୃଣମୂଳ ଛାତ୍ର ପରିଷଦ (ଟିଏମସିପି)ର ନେତା ଥିଲେ । ଏହି ସଂଗଠନ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସର ଛାତ୍ର ଶାଖା । ମନୋଜିତ ୨୦୧୭ ମସିହାରୁ ଏହି କଲେଜ ୟୁନିଟର ନେତୃତ୍ୱ ନେଉଛନ୍ତି । ଏବେ ଯେତେବେଳେ ଏହି ମାମଲା ସାରା ଦେଶରେ ଉଷ୍ମ ହୋଇଛି, ତୃଣମୂଳ କଂଗ୍ରେସ କହିଛି ଯେ ମନୋଜିତ ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ ଏବଂ ଆଇନ ତା'ର କାମ କରିବା ଉଚିତ । କଲେଜ ଛାତ୍ରମାନେ କହିଛନ୍ତି ଯେ ମନୋଜିତଙ୍କର କଲେଜରେ ବହୁତ ପ୍ରଭାବ ଥିଲା । କେବଳ ଛାତ୍ର ନୁହେଁ, ବରଂ ଶିକ୍ଷକ ଏବଂ କର୍ମଚାରୀମାନେ ମଧ୍ୟ ତାଙ୍କୁ ଭୟ କରୁଥିଲେ । ପୂର୍ବରୁ ତାଙ୍କ ବିରୁଦ୍ଧରେ ଅନେକ ଥର ବଳାତ୍କାର ଏବଂ ଅସଦାଚରଣ ଅଭିଯୋଗ ଆସିଥିଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା । କଲେଜ କାନ୍ଥରେ ଅଭିଯୁକ୍ତର ନାମ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହେଉଛନ୍ତି । ଗୋଟିଏ ପଟେ ଏକ ବଳାତ୍କାର ଘଟଣା ଘଟିଛି, ଅନ୍ୟପଟେ ଅଭିଯୁକ୍ତକୁ ହିରୋ ଭାବରେ ଉପସ୍ଥାପନ କରାଯାଉଛି । ଏହି କାରଣରୁ କଲେଜ ପରିବେଶ ଏବଂ ପ୍ରଶାସନ ଉଭୟ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ଏବେ ଲୋକମାନେ ଦାବି କରୁଛନ୍ତି ଯେ ସରକାର ଏବଂ ପ୍ରଶାସନ ଏହି ସମ୍ପୂର୍ଣ୍ଣ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ, ଯାହାଦ୍ୱାରା ଛାତ୍ରମାନେ ଏକ ସୁରକ୍ଷିତ ପରିବେଶ ପାଇପାରିବେ ଏବଂ ଅଭିଯୁକ୍ତକୁ ତାଙ୍କ କୃତକର୍ମ ପାଇଁ ଦଣ୍ଡ ମିଳିବ । ଅଭିଯୁକ୍ତ ମନୋଜିତ ମିଶ୍ରଙ୍କୁ ଥରେ ଜଣେ ପ୍ରତିଶ୍ରୁତିବଦ୍ଧ ଛାତ୍ର ଭାବରେ ବିବେଚନା କରାଯାଉଥିଲା, ଯିଏ ଆଇନ ପଢ଼ି ଓକିଲ ହେବାକୁ ଚାହୁଁଥିଲେ, କିନ୍ତୁ ସମୟ ସହିତ ସେ ଜଣେ ଛାତ୍ର ନେତା ଏବଂ ବିବାଦୀୟ ଚେହେରା ଭାବରେ ପରିଚିତ ହୋଇଗଲେ । ଏବେ ସେ କଲେଜ କ୍ୟାମ୍ପସରେ ଭୟ ଏବଂ ପ୍ରାଧାନ୍ୟର ଅନ୍ୟ ଏକ ନାମ ପାଲଟି ଯାଇଛନ୍ତି ।

## ୪ ରାଜ୍ୟର ଅଧ୍ୟକ୍ଷ ପଦ ପାଇଁ ଆରମ୍ଭ ହେଲା ଭାଜପାର ନାମାଙ୍କନ

ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟି(ଭାଜପା)ରେ ୪ଟି ରାଜ୍ୟରେ ରାଜ୍ୟ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଆରମ୍ଭ ହୋଇଛି । ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶରେ ନେତାମାନେ ନାମାଙ୍କନ ପତ୍ର ନେଇଛନ୍ତି । ଉତ୍ତରାଖଣ୍ଡରେ, ରାଜ୍ୟ ସଭା ଏମପି ଏବଂ ବର୍ତ୍ତମାନର ସଭାପତି ମହେନ୍ଦ୍ର ଭଟ୍ଟ ପୁଣି ଥରେ ରାଜ୍ୟ ସଭାପତି ପାଇଁ ନାମାଙ୍କନ ପତ୍ର ନେଇଛନ୍ତି । ମହେନ୍ଦ୍ର ଭଟ୍ଟ ପୁଣି ଥରେ ଭାଜପା ସଭାପତି ନିର୍ବାଚିତ ହୋଇପାରନ୍ତି । ହିମାଚଳ ପ୍ରଦେଶରେ, ବର୍ତ୍ତମାନର ସଭାପତି ରାଜୀବ ବିନ୍ଦଲ ପୁଣି ଥରେ ଅଧ୍ୟକ୍ଷ ହେବାକୁ ଯାଉଛନ୍ତି । ସେ ରାଜ୍ୟ ସଭାପତି ପଦ ପାଇଁ ମଧ୍ୟ ନାମାଙ୍କନ ଦାଖଲ କରିଛନ୍ତି । ଏହା ବ୍ୟତୀତ, ତେଲଙ୍ଗାନାରେ ଭାଜପା ନିଜକୁ ମଜବୁତ କରିବାରେ ବ୍ୟସ୍ତ । ଏଠାରେ ଭାଜପା ରାମଚନ୍ଦ୍ର ରାଓଙ୍କୁ ରାଜ୍ୟ ଅଧ୍ୟକ୍ଷ କରିବାକୁ ଯାଉଛି । ଯଦି ଆମେ ଆନ୍ଧ୍ର ପ୍ରଦେଶ ବିଷୟରେ କଥା ହେବା, ତେବେ ଏଠାରେ ଭାଜପା ଟିଡିପି ସରକାରଙ୍କ ଅଂଶ । ଭାଜପା ପିଭିଏନ ମାଧବଙ୍କୁ ସଭାପତି କରିବ ବୋଲି କୁହାଯାଉଛି ।

# ଆଗ୍ରା ବିମାନବନ୍ଦରକୁ ବୋମା ଧମକ, ତାଜମହଲ ନିକଟରେ ଫୁଟିଲା ଗୁଳି



ନୂଆଦିଲ୍ଲୀ : ଉତ୍ତର ପ୍ରଦେଶର ଆଗ୍ରା ବିମାନବନ୍ଦରକୁ ବୋମା ଧମକ । ବିମାନବନ୍ଦରକୁ ମିଳିଥିବା ମେଲ୍ ଅନୁସାରେ, ବ୍ୟାକପ୍ୟାକରେ ବୋମା ଲୁଚାଇ ରଖାଯାଇଛି । ତୁରନ୍ତ ଏୟାରପୋର୍ଟକୁ ଖାଲି କରନ୍ତୁ । ମେଲ୍ ଆଇଡିରୁ ଏହି ଧମକପୂର୍ଣ୍ଣ ମେଲ୍ ପଠାଯାଇଛି । ମେଲ୍ ରେ କ୍ଷତ୍ରିୟକଳସକ୍ଷକ୍ଷ ଓ ଳଚକ୍ଷ ନିଜକୁ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ କରିଛନ୍ତି । ବିମାନବନ୍ଦରର ମୁଖ୍ୟ ସୁରକ୍ଷା ଅଧିକାରୀ ସୁକୀର୍ତି ନିଗମ ଶାହଗଞ୍ଜ ପୋଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି । ଭାରତର ଅନ୍ୟ ବିମାନବନ୍ଦରକୁ ମଧ୍ୟ ମେଲ୍ ପଠାଯାଇଛି । ଯାହା ପରେ ଏଜେନ୍ସିଗୁଡ଼ିକ ଆଲର୍ଟ ମୋଡ୍ ରେ ଅଛନ୍ତି । ଆଗ୍ରା ପୋଲିସ ଷ୍ଟେସନ ଶାହଗଞ୍ଜ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ, ତାଜମହଲର ପାର୍କିଂ ନିକଟରେ ଗୁଳି ଶବ୍ଦ ଶୁଣିବାକୁ ମିଳିଛି । ଗୁଳିର ଶବ୍ଦ ଶୁଣି ପର୍ଯ୍ୟଟକ ଭୟଭୀତ ହୋଇଯାଇଛନ୍ତି । କାରରେ ଥିବା ଦୁଇଜଣ ପୁଅ ଗୁଳି ଚଳାଇ ଫେରାର୍ ହୋଇଥିବା ଅଭିଯୋଗ ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ପାସ୍ ବିନା ତାଜମହଲର ୫୦୦ ମିଟର ଭିତରକୁ କୌଣସି ଯାନ ଯାଇପାରିବ ନାହିଁ । ଏମାନେ ଜବରଦସ୍ତି ଯିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ପୋଲିସ ସେମାନଙ୍କୁ ଯିବାକୁ ମନା କରିଥିଲା । ସୂଚନା ପାଇ ପୋଲିସ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରି । ପୋଲିସ ଉଭୟ ପୁଅଙ୍କୁ ଖୋଜିବା ଆରମ୍ଭ କରିଛି । ଘଟଣାଟି ତାଜମହଲର ପଶ୍ଚିମ ପାର୍କିଂ ନିକଟରେ ଥିବା ବାରିୟର ନିକଟରେ ଘଟିଛି ।

# ଭାଜପା ଛାଡିଲେ ଟି ରାଜା



ନୂଆଦିଲ୍ଲୀ : ତେଲଙ୍ଗାନାର ଫାୟାରବ୍ରାଣ୍ଡ ନେତା ଏବଂ ଗୋଶାମହଲ ବିଧାୟକ ଟି ରାଜା ସିଂହ ଭାରତୀୟ ଜନତା ପାର୍ଟି(ଭାଜପା)ରୁ ଇସ୍ତଫା ଦେଇଛନ୍ତି । ତାଙ୍କର ତେଲଙ୍ଗାନା ପାର୍ଟି ନେତୃତ୍ୱ ସହିତ କିଛି ଦିନ ଧରି ବିବାଦ ଚାଲିଥିଲା । ରାଜ୍ୟ ଭାଜପା ସଭାପତି ପଦ ପାଇଁ ଭାଜପା ହାଇକମାଣ୍ଡ ଏନ ରାମଚନ୍ଦ୍ର ରାଓଙ୍କ ନାମକୁ ସହମତ କରିଛନ୍ତି, ଯାହା ତାଙ୍କୁ କ୍ରୋଧିତ କରିଛି । କୁହାଯାଉଛି ଯେ ଏଥିରେ କ୍ରୋଧିତ ହୋଇ ସେ ରାଜ୍ୟ ସଭାପତି ସଞ୍ଜୟ କୁମାରଙ୍କ ନିକଟକୁ ତାଙ୍କର ଇସ୍ତଫା ପଠାଇଛନ୍ତି ।

ରାଜା ସିଂହ ଏହି ଇସ୍ତଫାକୁ ଲକ୍ଷ ଲକ୍ଷ କର୍ମୀଙ୍କ ସ୍ୱର ବୋଲି ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ଏହି ନିଷ୍ପତ୍ତି ତାଙ୍କ ପାଇଁ ଯନ୍ତ୍ରଣାଦାୟକ, କିନ୍ତୁ ଆବଶ୍ୟକ ଥିଲା । ରାଜା ସିଂହ ଭାଜପାର ତେଲଙ୍ଗାନା ରାଜ୍ୟ ସଭାପତି ଜି କିଶନ ରେଡ୍ଡିଙ୍କୁ ଏକ ଚିଠିରେ କହିଛନ୍ତି ଯେ ଏନ ରାମଚନ୍ଦ୍ର ରାଓଙ୍କ ନିଯୁକ୍ତି ଦଳୀୟ କର୍ମୀ ଏବଂ ନେତାଙ୍କ ମଧ୍ୟରେ ଗଭୀର ନିରାଶା ସୃଷ୍ଟି କରିଛି । ସେ ଅଭିଯୋଗ କରିଛନ୍ତି ଯେ କେତେକ ଲୋକ କେନ୍ଦ୍ରୀୟ ନେତୃତ୍ୱକୁ ଭୁଲ ବୁଝାଇ ଏହି ନିଷ୍ପତ୍ତି ନେଇଛନ୍ତି, ଯାହା ଦଳର ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଦ୍ୱାରା ପ୍ରେରିତ । ଗୋଶାମହଲ ବିଧାୟକ ରାଜା ସିଂହ କହିଛନ୍ତି ଯେ ତେଲଙ୍ଗାନାରେ ଭାଜପା ସରକାର ଗଠନ କରିବାକୁ ଯାଉଛି, କିନ୍ତୁ ଭୁଲ ନେତୃତ୍ୱ ଚୟନ ଯୋଗୁ ଏହି ସୁଯୋଗ ଖସିଯାଉଥିବା ପରି ମନେ ହେଉଛି । ରାଜା ସିଂହ ତାଙ୍କର ସାର୍ବଜନୀନ ବିବୃତ୍ତିରେ ସ୍ପଷ୍ଟ କରିଛନ୍ତି ଯେ ଭାଜପା ଛାଡିବା ସତ୍ତ୍ୱେ, ସେ ହିନ୍ଦୁତ୍ୱର ବିଚାରଧାରା ଏବଂ ଗୋଶାମହଲର ଲୋକଙ୍କ ସେବା ପ୍ରତି ପ୍ରତିବଦ୍ଧ ରହିବେ । ସେ କହିଛନ୍ତି, 'ମୋର ପଦକ୍ଷେପ ବିଚାରଧାରା ବିରୁଦ୍ଧରେ ନୁହେଁ, ବରଂ ନେତୃତ୍ୱର ନିଷ୍ପତ୍ତି ବିରୁଦ୍ଧରେ । ମୁଁ ହିନ୍ଦୁ ସମ୍ପ୍ରଦାୟ ସହିତ ଦୃଢ଼ ଭାବରେ ଠିଆ ହେବି ।' ସେ ଦଳର ବରିଷ୍ଠ ନେତୃତ୍ୱ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜେପି ନଡ୍ଡା, ଅମିତ ଶାହା ଏବଂ ବିଏଲ ସନ୍ତୋଷଙ୍କୁ ଏହି ପ୍ରସଙ୍ଗ ଉପରେ ପୁନର୍ବିଚାର କରିବାକୁ ମଧ୍ୟ ନିବେଦନ କରିଛନ୍ତି ।

## ଟ୍ରମ୍ପ ଓ ନେତାନ୍ୟାହୁଙ୍କ ବିରୋଧରେ ମୃତ୍ୟୁ ଫତୱା ଜାରି



ନୂଆଦିଲ୍ଲୀ : ଟ୍ରମ୍ପ ଓ ନେତାନ୍ୟାହୁଙ୍କ ବିରୋଧରେ ମୃତ୍ୟୁ ଫତୱା । ଇରାନୀ ଧର୍ମଗୁରୁଙ୍କ ଦ୍ୱାରା ଜାରି ହେଲା ମୃତ୍ୟୁ ଫତୱା । ଇରାନର ଶୀର୍ଷ ସିଆ ଧର୍ମଗୁରୁ ଗ୍ରାଣ୍ଡ ଆୟାତୋଲ୍ଲା ନାସେର ମାକାରେମ ଶିରାଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୁଦ୍ଧରେ ମୃତ୍ୟୁ ଫତୱା କରିଛନ୍ତି । ଏଥିରେ ଟ୍ରମ୍ପ ଓ ନେତାନ୍ୟାହୁଙ୍କୁ "ଈଶ୍ୱରଙ୍କ ଶତ୍ରୁ" ବା ମୋହାରେବ ଘୋଷଣା କରାଯାଇଛି । ଏହି ଫତୱା ଅନୁଯାୟୀ, ଯେଉଁମାନେ ଇସଲାମିକ ରିପବ୍ଲିକ, ଏହାର ନେତୃତ୍ୱ କିମ୍ବା ବିଶ୍ୱବ୍ୟାପୀ ଇସଲାମ ସମ୍ପ୍ରଦାୟର ଏକତାକୁ ବିପଦରେ ପକାଇଥାନ୍ତି, ସେମାନଙ୍କୁ ମୋହାରେବ ବୋଲି ବିବେଚନା କରାଯାଇଥାଏ । ଇରାନ ଆଇନ ଅନୁଯାୟୀ, ଇରାନର ସର୍ବୋଚ୍ଚ ନେତା କିମ୍ବା ଧାର୍ମିକ ନେତାମାନଙ୍କୁ ହତ୍ୟା କରିବାକୁ ଯୋଜନା କରେ, ସେ କଠୋରତମ ଦଣ୍ଡ ପାଇବାର ହକଦାର ହେବ । ବିଶ୍ୱର ସମସ୍ତ ମୁସଲମାନଙ୍କ ପାଇଁ ଏହି ଶତ୍ରୁମାନଙ୍କୁ ଚିହ୍ନଟ କରିବା ଏବଂ ଶକ୍ତି ସହିତ ପ୍ରତିଶୋଧ ନେବା ଗୁରୁତ୍ୱପୂର୍ଣ୍ଣ । ଟ୍ରମ୍ପ ଓ ନେତାନ୍ୟାହୁଙ୍କ ଦ୍ୱାରା ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଆଲି ଖାମେନେଇଙ୍କୁ ହତ୍ୟା ଧମକ ପାଇଁ ଏହି ଫତୱା ଜାରି ହୋଇଛି । ଟ୍ରମ୍ପ ଓ ନେତାନ୍ୟାହୁଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ପଶ୍ଚାତାପ କରିବାକୁ ବାଧ୍ୟ କରାଇବା ପାଇଁ ବିଶ୍ୱବ୍ୟାପୀ ମୁସଲମାନଙ୍କୁ ଆହ୍ୱାନ ଦେଇଛନ୍ତି ଇରାନର ମୁସଲିମ ଧର୍ମଗୁରୁ ।

## ଓମାନ ଯାଉଥିବା ଏକ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ



ଓମାନ ଯାଉଥିବା ଏକ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ । ଦେବଦୂତ ଭଳି ପହଞ୍ଚିଲା ଭାରତୀୟ ନୌସେନା, ଆଉ ବଞ୍ଚାଇଲା କ୍ରୁ ସଦସ୍ୟଙ୍କ ଜୀବନ । ଓମାନ ଉପସାଗରରେ ଏକ ମିଶନରେ ଥିବା ଭାରତୀୟ ନୌସେନା ଯୁଦ୍ଧଜାହାଜ ଓଘଝ ତବାରକୁ ଗଞ୍ଚ ଣସ ଉଷରଭଣ ୬ ନାମକ ଏକ ଜାହାଜରୁ ଏକ ବିପଦପୂର୍ଣ୍ଣ ସୂଚନା ମିଳିଥିଲା, ଯାହା ପରେ ଜାହାଜଟି ତୁରନ୍ତ ପଦକ୍ଷେପ ନେଇ ନିଆଁ ଲିଭାଇବା ଆରମ୍ଭ କରିଥିଲା । ୧୩ ଜଣ ଭାରତୀୟ ନୌସେନା କର୍ମଚାରୀ ଏବଂ ୫ ଜଣ କ୍ରୁ ସଦସ୍ୟ ବର୍ତ୍ତମାନ ନିଆଁ ଲିଭାଇବାରେ ନିୟୋଜିତ ଅଛନ୍ତି । ପୁଲାଉ-ପତାକାଧାରୀ ଗଞ୍ଚ ଣସ ଉଷରଭଣ ୬ ଗୁଜୁରାଟର କାଣ୍ଡଲାରୁ ଓମାନର ଶିନାସକୁ ଯାଉଥିବା ବେଳେ ରବିବାର ବିପଦର ସୂଚନା ଦେଇଥିଲା । ଜାହାଜରେ ୧୪ ଜଣ ଭାରତୀୟ କ୍ରୁ ସଦସ୍ୟ ଥିଲେ । ଭାରତୀୟ ନୌସେନା ମୁଖପାତ୍ର ଟ୍ୱିଟ୍ କରି କହିଛନ୍ତି, ଓମାନ ଉପସାଗରରେ ନିୟୋଜିତ ଭାରତୀୟ ନୌସେନାର ଗୁପ୍ତ ଫ୍ରିଗେଟ୍ ଓଘଝ ତବାର, ୨୯ଜୁନ୍ ରେ ପୁଲାଉ-ପତାକାଯୁକ୍ତ ଗଞ୍ଚ ଣସ ଉଷରଭଣ ୬ ରୁ ଏକ ବିପଦର ଜବାବ ଦେଇଥିଲା । ଜାହାଜଟିରେ ୧୪ଜଣ ଭାରତୀୟ ବଂଶୋଦ୍ଭବ କ୍ରୁ ସଦସ୍ୟ ଥିଲେ, ଭାରତର କାଣ୍ଡଲାରୁ ଓମାନର ଶିନାସକୁ ଯାତ୍ରା କରୁଥିବା ସମୟରେ ଇଞ୍ଜିନ ରୁମରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଜାହାଜରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା । ଓଘଝ ତବାରରୁ ଅଗ୍ନି ନିର୍ବାପକ ଦଳ ଏବଂ ଉପକରଣକୁ ଜାହାଜର ଡଙ୍ଗା ଏବଂ ହେଲିକପ୍ଟର ଦ୍ୱାରା ଜାହାଜକୁ ସ୍ଥାନାନ୍ତର କରାଯାଇଥିଲା । ୧୩ ଜଣ ଭାରତୀୟ ନୌସେନା କର୍ମଚାରୀ ଏବଂ ୫ଜଣ କ୍ରୁ ସଦସ୍ୟ ବର୍ତ୍ତମାନ ଅଗ୍ନି ନିର୍ବାପନ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ଯାହା ଜାହାଜରେ ନିଆଁର ତୀବ୍ରତାକୁ ଯଥେଷ୍ଟ ହ୍ରାସ କରିଛି ।

## ତାଞ୍ଜାନିଆରେ ବସ୍ ଦୁର୍ଘଟଣା, ୩୮ ମୃତ

ନୂଆଦିଲ୍ଲୀ : ଶନିବାର (୨୮ ଜୁନ୍ ୨୦୨୫) ସନ୍ଧ୍ୟାରେ ତାଞ୍ଜାନିଆର କିଲିମାଞ୍ଜାରୋ ଅଞ୍ଚଳର ସବସାବା ଅଞ୍ଚଳରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ହୋଇଛି । ଏହି ଦୁର୍ଘଟଣାରେ ୩୮ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୮ ଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି । ଏକ ବସ୍ ଟାୟାର ପଙ୍କଚର ହୋଇ ଭାରସାମ୍ୟ ହରାଇବାରୁ ଏହି ଦୁର୍ଘଟଣା ଘଟିଥିଲ । ଯାହା ଫଳରେ ସାମ୍ନାରୁ ଆସୁଥିବା ଏକ ମିନିବସ୍ ସହିତ ଏକ ଭୟଙ୍କର ଧକ୍କା ହୋଇଥିଲା । ଦୁଇଟି ଯାନରେ ନିଆଁ ଲାଗିଯାଇଥିଲା, ଯାହା ଫଳରେ ଭିତରେ ଥିବା ଯାତ୍ରୀମାନେ ବାହାରକୁ ବାହାରି ପାରିନଥିଲେ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ରବିବାର ଏହି ଘଟଣାର ନିଶ୍ଚିତ କରିଛି ଏବଂ କହିଛି ଯେ ପୋଡ଼ି ଯାଇଥିବା ସ୍ଥାନର ଗମ୍ଭୀରତା ଯୋଗୁଁ ୩୬ ଜଣଙ୍କ ମୃତଦେହ ଚିହ୍ନଟ ହୋଇପାରି ନାହିଁ ।

# ଭାରତକୁ କାଉଣ୍ଟର କରିବା ପାଇଁ ଚାଇନା-ପାକିସ୍ତାନ-ବାଂଲାଦେଶ କରୁଛନ୍ତି ସାଂଘାତିକ ଷଡ଼ଯନ୍ତ୍ର



ନୂଆଦିଲ୍ଲୀ : ଗୋଟିଏ ନୂଆ ଆଞ୍ଚଳିକ ବ୍ଲକ ତିଆରି କରିବା ପାଇଁ ଚାଇନା ଓ ପାକିସ୍ତାନ କାମ କରୁଛନ୍ତି । ସାର୍କର ବିକଳ୍ପ ଭାବେ ସେମାନେ ଆଉ ଏକ ବ୍ଲକ ତିଆରି କରିବାକୁ ଚାହୁଁଛନ୍ତି । ସାର୍କ ଦେଶମାନଙ୍କୁ ନେଇ ଗଠିତ ବ୍ଲକରେ ଭାରତ ହେଉଛି ଗୋଟିଏ ପ୍ରମୁଖ ସଦସ୍ୟ । ତେଣୁ ଭାରତକୁ ସାଇଡ କରି ଚାଇନା ଏବେ ପାକିସ୍ତାନ ସହାୟତାରେ ଆଉ ଏକ ଗ୍ରୁପ ତିଆରି ନିଜ ଇଚ୍ଛାରେ କରିବାକୁ ଚାହୁଁଛି । ଏଥିରେ ବାଂଲାଦେଶକୁ ମଧ୍ୟ ସାମିଲ କରିବାକୁ ଦୁଇ ରାଷ୍ଟ୍ର ଲାଗି ପଡ଼ିଛନ୍ତି । ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ନୂଆ ରିଜନାଲ ବ୍ଲକ ତିଆରି ପାଇଁ ଚାଇନା ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଆଲୋଚନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନିକଟରେ ଏଥିପାଇଁ ଗୋଟିଏ ବୈଠକ ବସିଥିଲା । ଚାଇନାର କୁନମିଙ୍ଗରେ ଜୁନ ୧୯ରେ ଅନୁଷ୍ଠିତ ହୋଇଥିବା ବୈଠକରେ ବେଜିଂ ଓ ଇସଲାମାବାଦ ବ୍ୟତୀତ ବାଂଲାଦେଶ ମଧ୍ୟ ସାମିଲ ହୋଇଥିଲା । ସାର୍କରେ ଥିବା ଅନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ନୂଆ ଗ୍ରୁପରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିବା ହିଁ କୁନମିଙ୍ଗରେ ହୋଇଥିବା ବୈଠକର ମୂଳ ଲକ୍ଷ୍ୟ ରହିଥିଲା । କୁନମିଙ୍ଗ ବୈଠକ ପୂର୍ବରୁ ଚାଇନା-ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ଗୋଟିଏ ତ୍ରିପାକ୍ଷିକ ବୈଠକ ହୋଇଥିଲା । ଚାଇନା-ପାକିସ୍ତାନ ଅର୍ଥନୀତିକ କରିଡରକୁ ବିସ୍ତାର କରି ତାଲିବାନ ଶାସିତ ଆଫଗାନିସ୍ତାନ ଯାଏ ବିସ୍ତାର କରିବା ଏହି ବୈଠକର ପ୍ରମୁଖ ପ୍ରସଙ୍ଗ ରହିଥିଲା ।

ଏବେ ଚାଇନା-ପାକିସ୍ତାନ ଓ ବାଂଲାଦେଶ ସାର୍କର ବିକଳ୍ପ ଭାବେ ଭାରତକୁ ବାଦ ଦେଇ ଆଉ ଏକ ବ୍ଲକ ତିଆରି କରିବାକୁ ଅଣ୍ଟା ଭିଡ଼ିଛନ୍ତି । ୧୯୮୫ ମସିହା ଡିସେମ୍ବର ୮ରେ ବାଂଲାଦେଶର ଢାକାରେ ଦି ସାଉଥ ଏସିଆନ ଆସୋସିଏସନ ଫର ରିଜନାଲ କର୍ପୋରେସନ ବା ସାର୍କ ଗଠନ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ସାର୍କରେ ୭ଟି ଦେଶ ରହିଥିଲେ । କିନ୍ତୁ ୨୦୦୭ରେ ସାର୍କ ସହ ଆଫଗାନିସ୍ତାନ ଯୋଡ଼ି ହୋଇଥିଲା ।

କାହିଁକି ସାର୍କ ଅଚଳ ହୋଇଯାଇଛି ? ସାର୍କ ୨୦୧୬ରୁ ଏକ ପ୍ରକାରର ଅଚଳ ହୋଇଯାଇଛି । ୨୦୧୪ କାଠମାଣ୍ଡୁ ଶିଖର ସମ୍ମିଳନୀ ପରଠାରୁ ସାର୍କ ଦେଶର ନେତାମାନେ ପରସ୍ପରକୁ ଭେଟି ନାହାନ୍ତି । କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ କୋଭିଡ ସମୟରେ ପ୍ରଥମଥର ପାଇଁ ସାର୍କ ଶିଖର ସମ୍ମିଳନୀ ଭିଡିଓ କନଫରେନ୍ସିରେ ଆୟୋଜନ କରିଥିଲେ । ସେ କୋଭିଡ-୧୯ ଏମର୍ଜେନ୍ସି ପାଣ୍ଠି ଗଠନର ପ୍ରସ୍ତାବ ଦେଇଥିଲେ ଓ ଭାରତ ୧୯ ମିଲିୟନ ଡଲାରର ଯୋଗଦାନ କରୁଥିବା ସମସ୍ତଙ୍କୁ ଜଣାଇଥିଲେ । ସେହି ବର୍ଷ ନଭେମ୍ବର ମାସରେ ୧୯ତମ ସାର୍କ ଶିଖର ସମ୍ମିଳନୀ ପାକିସ୍ତାନରେ ଆୟୋଜନ ହେବାର ଥିଲା । କିନ୍ତୁ ପାକିସ୍ତାନ ପ୍ରାୟୋଜିତ ଉରି ହମଲା ଯୋଗୁ ଭାରତ ଉକ୍ତ ସମ୍ମିଳନୀକୁ ବୟକଟ କରିଥିଲା । ଉରି ଆତଙ୍କୀ ହମଲାରେ ଭାରତ ୧୭ ଜଣ ବୀର ଯବାନଙ୍କୁ ହରାଇଥିଲା । ଭାରତ ବ୍ୟତୀତ ଆତଙ୍କବାଦ ଓ ଆଞ୍ଚଳିକ ହସ୍ତକ୍ଷେପ ଯୋଗୁ ଆଫଗାନିସ୍ତାନ, ବାଂଲାଦେଶ ଓ ଭୁଟାନ ମଧ୍ୟ ଶିଖର ସମ୍ମିଳନୀରୁ ଓହରି ଯାଇଥିଲେ । ଫଳରେ ପାକିସ୍ତାନକୁ ସମ୍ମିଳନୀ ବାତିଲ କରିବାକୁ ପଡ଼ିଥିଲା । ସେବେଠାରୁ ଆଉ ସମ୍ମିଳନୀ ଆୟୋଜନ ହୋଇନାହିଁ । ଏବେ ଏହାର ଫାଇଦା ଉଠାଇ ଭାରତକୁ କଣୋ ଠେସା କରିବାକୁ ଚାଇନା ଓ ପାକିସ୍ତାନ ଯୋଜନା କରିଛନ୍ତି । ଉଭୟ ପାକିସ୍ତାନ ଓ ଚାଇନା ସମସ୍ତଙ୍କୁ ଜଣାଇବାକୁ ଚାହୁଁଛନ୍ତି ଯେ ବର୍ତ୍ତମାନ ଆଞ୍ଚଳିକ ଯୋଗାଯୋଗ ଓ ସହଭାଗିତା ପାଇଁ ଗୋଟିଏ ନୂଆ ଗ୍ରୁପ ବା ବ୍ଲକର ଆବଶ୍ୟକତା ରହିଛି । ସାର୍କରେ ଥିବା ଶ୍ରୀଲଙ୍କା, ମାଳଦ୍ୱୀପ ଓ ଆଫଗାନିସ୍ତାନ ମଧ୍ୟ ନୂଆ ବ୍ଲକରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

# ମହିଳା କୋଚ୍‌ଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ନାବାଳିକା ବକ୍ସର

ନୂଆଦିଲ୍ଲୀ,୩୦।୬: ରୋହତକରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ନ୍ୟାଶନାଲ ବକ୍ସିଂ ଏକାଡେମୀରେ କାର୍ଯ୍ୟରତ ଥିବା ଜଣେ ମହିଳା କୋଚ୍‌ଙ୍କ ବିରୋଧରେ ଜଣେ ନାବାଳିକା ବକ୍ସର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବକ୍ସରଙ୍କ ବାପା ମା ମହିଳା କୋଚ୍‌ଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରାଇଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତାଙ୍କ ନାମ ପ୍ରଘଟ କରାଯାଇ ନାହିଁ।



ଏପରିକି ଘଟଣା ସମ୍ପର୍କରେ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ଓ ସାଇକୁ ଯୋଗାଯୋଗ କରିବାରୁ ଜଣାପଡ଼ିଥିଲା ଯେ, ୧୭ ବର୍ଷୀୟା ପୀଡ଼ିତାଙ୍କଠାରୁ ଚାପୁଡ଼ା ମାରିବା ଓ ଧମକାଇବା ଭଳି ଅଭିଯୋଗ ମିଳିଥିଲା। ହେଲେ ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ଆଭ୍ୟନ୍ତରୀଣ ତଦନ୍ତରେ କୋଚ୍‌ଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନ ଥିଲା। ଏଣୁ ସେ ଏବେ ଜୁନିୟର ଓ ଯୁବ ବକ୍ସରଙ୍କୁ ଜାତୀୟ କ୍ୟାମ୍ପରେ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ବିଏଫ୍‌ଆଇର ତଦନ୍ତରେ ପୀଡ଼ିତା ବକ୍ସରଙ୍କ ବାପା ମା ଅସନ୍ତୋଷ ବ୍ୟକ୍ତ କରିଥିଲେ।

ରୋହତକ ଥାନାରେ ଦାୟର ହୋଇଥିବା ଏଫ୍‌ଆଇଆରରେ ଦର୍ଶାଯାଇଛି ଯେ, କୋଚ୍ ବଳପୂର୍ବକ ତାଙ୍କ ପୋଷାକ ଖୋଲିବାକୁ ଉଦ୍ୟମ କରିବା ସହ ଅନେକ ଥର ଚାପୁଡ଼ା ମାରିଥିଲେ କ୍ୟାରିୟର ନଷ୍ଟ କରିବାକୁ ଧମକ ଦେଇଥିଲେ ଏବଂ ଅନ୍ୟ ବକ୍ସରଙ୍କ ଆଗରେ ତାଙ୍କ ଚରିତ୍ର ଖରାପ ଥିବା କହିଥିଲେ। ଏଥିଯୋଗୁ କୋଚ୍‌ଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୧୫ (ଜାଣିଶୁଣି ଆଘାତ ଦେବା), ୩୫୧ (୩) (ଅପରାଧିକ ଧମକ) ଓ ପୋକ୍‌ସୋ ଆଇନରେ ମାମଲା ରୁଜୁ କରାଯାଇଛି ଏହି ଘଟଣାର ତଦନ୍ତ ପ୍ରକ୍ରିୟାରେ ସାଇ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କୁହାଯାଇଛି।

# ଜୟସ୍ୱାଲଙ୍କୁ ଆବଶ୍ୟକ ୯୭ ରନ୍

ଏଜବାଷ୍ଟନ,୩୦।୬: ଭାରତୀୟ ଦଳର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ତାଙ୍କ ଉଦୀୟମାନ ଟେଷ୍ଟ କ୍ୟାରିୟରରେ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିବାକୁ ନିକଟତର ହୋଇଛନ୍ତି।ଏହି ବାମହାତୀ ବ୍ୟାଟ୍ସମ୍ୟାନଙ୍କ ପାଖରେ ଭାରତ ପାଇଁ ୨୦୦୦ ଟେଷ୍ଟ ରନ ପୂରଣ କରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ ହେବାର ସୁଯୋଗ ଅଛି । ଏହି ରେକର୍ଡ ବର୍ତ୍ତମାନ ମିଳିତ ଭାବରେ ରାହୁଲ ଦ୍ରାବିଡ ଏବଂ ବୀରେନ୍ଦ୍ର ସେହାଗଙ୍କ ପାଖରେ ଅଛି, ଯିଏ ୪୦ ଇନିଂସରେ ଏହି ସଫଳତା ହାସଲ କରିଥିଲେ ।

ରାହୁଲ ଦ୍ରାବିଡ ୧୯୯୯ ମସିହାରେ ହାମିଲଟନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏବଂ ବୀରେନ୍ଦ୍ର ସେହାଗ ୨୦୦୪ ମସିହାରେ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ । ଯଶସ୍ୱୀ ୨୦୨୩ ମସିହା ଜୁଲାଇ ମାସରେ ରୋସୋରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ ଏବଂ ଏପର୍ଯ୍ୟନ୍ତ ୩୮ ଇନିଂସରେ ୧୯୦୩ ରନ କରିଛନ୍ତି। ସେ ୫୨.୮୬ ଆଭରେଜରେ ଏହି ରନ କରିଛନ୍ତି, ଯାହା ଜଣେ ପ୍ରାରମ୍ଭିକ ବ୍ୟାଟସମ୍ୟାନ୍ ଭାବରେ ବହୁତ ପ୍ରଭାବଶାଳୀ ।

୨୦୦୦ ଟେଷ୍ଟ ରନ୍ ପୂରଣ କରିବାରେ ଦ୍ରୁତତମ ଭାରତୀୟ ବ୍ୟାଟସମ୍ୟାନ୍
ରାହୁଲ ଦ୍ରାବିଡ ୪୦ ଇନିଂସ (ନ୍ୟୁଜିଲାଣ୍ଡ, ହାମିଲଟନ, ୧୯୯୯)
ବୀରେନ୍ଦ୍ର ସେହାଗ- ୪୦ ଇନିଂସ (ଅଷ୍ଟ୍ରେଲିଆ, ଚେନ୍ନାଇ, ୨୦୦୧)
ବିଜୟ ହଜାରେ ୪୩ ଇନିଂସ (ୱେଷ୍ଟଇଣ୍ଡିଜ୍, ପୋର୍ଟ ଅଫ୍ ସ୍ପେନ୍, ୧୯୫୩)
ଗୌତମ ଗମ୍ଭୀର ୪୩ ଇନିଂସ (ନ୍ୟୁଜିଲାଣ୍ଡ, ନାପିଅର, ୨୦୦୯)
ସୁନୀଲ ଗାଭାସ୍କର ୪୪ ଇନିଂସ (ୱେଷ୍ଟଇଣ୍ଡିଜ୍, ପୋର୍ଟ ଅଫ୍ ସ୍ପେନ୍, ୧୯୭୬)

ଜୁଲାଇ ୨ରୁ ବର୍ମିଂହାମର ଏଜବାଷ୍ଟନରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଜୟସ୍ୱାଲ ଏହି ରେକର୍ଡର ସମକକ୍ଷ କିମ୍ବା ଅତିକ୍ରମ କରିବାର ସୁଯୋଗ ପାଇବେ ଯଶସ୍ୱୀ ପ୍ରଥମ ଟେଷ୍ଟରେ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ପ୍ରଥମ ଇନିଂସରେ ୧୦୧ ରନ କରିଥିଲେ । ତଥାପି, ଦ୍ୱିତୀୟ ଇନିଂସରେ ସେ କେବଳ ୪ ରନ କରିପାରିଥିଲେ ଏବଂ ବ୍ରାଇଡନ୍ କର୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ।

# ଟିମ୍ ଇଣ୍ଡିଆର ନେଟ୍ସରେ ହରପ୍ରୀତ ବ୍ରାର୍



ନୂଆଦିଲ୍ଲୀ : ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ପଞ୍ଜାବ କିଙ୍ଗ୍ସର ବାମହାତୀ ସ୍ପିନର ହରପ୍ରୀତ ବ୍ରାର୍‌ଙ୍କୁ ଭାରତୀୟ ଦଳର ଅଭ୍ୟାସ ଶିବିରରେ ଦେଖିବାକୁ ମିଳିଛି। ଏଜ୍‌ବାଷ୍ଟନ୍‌ରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ପୂର୍ବରୁ ନେଟ୍ସ ଲାଗି ତାଙ୍କୁ ଗେଷ୍ଟ୍ ବୋଲର ଭାବେ ସାମିଲ କରାଯାଇଛି। ଭାରତୀୟ ଅଧିନାୟକ ତଥା ପଞ୍ଜାବରେ ଜନ୍ମିତ ଶୁବମନ ଗିଲ୍‌ଙ୍କ ଅନୁରୋଧରେ ସେ ବି ନେଟ୍ସରେ ଯୋଗ ଦେଇ ବୋଲିଂ ଆରମ୍ଭ କରି ଦେଇଛନ୍ତି। ତାଙ୍କୁ କେବଳ ଅଭ୍ୟାସ ଉଦ୍ଦେଶ୍ୟରେ ସାମିଲ କରାଯାଇଥିବାରୁ ସେ ଅଣଦଳୀୟ ପୋଷାକ ପିନ୍ଧି ବୋଲିଂ କରୁଥିବା ଦେଖିବାକୁ ମିଳିଛି ।

ବିସିସିଆଇ ବ୍ରାର୍‌ଙ୍କ ଅଭ୍ୟାସ ଅଧିବେଶନର ଏକ ଭିଡିଓ ପୋଷ୍ଟ କରିଛି ଯେଉଁଥିରେ ବ୍ରାର୍, ପତ୍ନୀଙ୍କ ଘରୋଇ ସହର ସ୍ୱିଡେନ୍‌ରେ ଥିବା ଉଲ୍ଲେଖ କରିବା ସହ ଅଧିନାୟକ ଗିଲ୍‌ଙ୍କ ମେସେଜ୍ ପାଇବା ପରେ ସେ ତାପରଦିନ ଭାରତୀୟ ଦଳର ଅଭ୍ୟାସ ଅଧିବେଶନରେ ଯୋଗ ଦେଇଥିବା କହିଛନ୍ତି । ମୋ ପତ୍ନୀର ଘର ସ୍ୱିଡେନ୍ ଏହା ବର୍ମିଂହାମ୍‌ର ଅତି ନିକଟରେ ମାତ୍ର ୧-୧.୫ ଘଣ୍ଟା ସମୟ ଲାଗୁଛି ଶୁବମନ ମତେ କାଲି ମେସେଜ୍ କଲେ। ତେଣୁ ମୁଁ ବର୍ମିଂହାମକୁ ଆସିଲି ଏବଂ ଅଭ୍ୟାସ କଲି ବୋଲି ଏକ ଭିଡିଓରେ ବ୍ରାର୍ କହିଛନ୍ତି। ବ୍ରାର୍‌ଙ୍କ ବାଦ୍ ଚଣ୍ଡିଗଡ଼ର ଅନ୍ୟ ଜଣେ ବୋଲର ଜଗଜିତ ସିଂହ ସାନ୍ଧୁ ମଧ୍ୟ ଭାରତୀୟ ନେଟ୍ସରେ ଗେଷ୍ଟ୍ ବୋଲର୍ ରହିଥିଲେ।

ସେପଟେ ଭାରତୀୟ ଦଳ କଥା କହିଲେ ୫ ଟିକିଆ ଟେଷ୍ଟ ସିରିଜରେ ଏବେ ୧-୦ରେ ପଛୁଆ ରହିଛି । ଲିଡ୍ସ ଟେଷ୍ଟ ମ୍ୟାଚ୍‌କୁ ୫ ୱିକେଟ୍‌ରେ ଜିତି ନେଇଥିଲା। ଇଂଲଣ୍ଡ ଦଳ ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ଅତି ନିରାଶାଜନକ ବୋଲିଂ ଓ ଫିଲ୍ଡିଂ ପ୍ରଦର୍ଶନ ଦେଖିବାକୁ ମିଳିଥିଲା ଫଳ ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲା ଇଂଲଣ୍ଡ ଦଳ। ଏବେ ଏଜ୍‌ବାଷ୍ଟନ ଟେଷ୍ଟରେ ପୁରୁଣା ଭୁଲ ସୁଧାରି ମ୍ୟାଚ୍‌ରେ ବିଜୟ ହେବାକୁ ଚେଷ୍ଟା କରିବ ଟିମ୍ ଇଣ୍ଡିଆ।।

## ବଡ଼ ଘୋଷଣା: ଦୁବାଇରେ ହେବ ୱାଲର୍ଡ ସୁପର କବାଡ଼ି ଲିଗ୍

ନୂଆଦିଲ୍ଲୀ, ୩୦।୬: ୱାଲର୍ଡ ସୁପର କବାଡ଼ି ଲିଗ୍ (ଡବ୍ଲ୍ୟୁଏସ୍‌କେଏଲ୍)ର ଉଦ୍‌ଘାଟନୀ ସଂସ୍କରଣ ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ଦୁବାଇରେ ହେବ ଆୟୋଜକଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଇଣ୍ଟରନ୍ୟାଶନାଲ କବାଡ଼ି ଫେଡେରେଶନ (ଆଇକେଏଫ୍) ସହଯୋଗରେ ଏହା ଅନୁଷ୍ଠିତ ହେବ ଉଦ୍‌ଘାଟନୀ ସିଜନରେ ଫ୍ରା□ାଇଜ୍‌ଭିତ୍ତିକ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ସ୍ଥାନ ପାଇବେ। ପ୍ରତ୍ୟେକ ଦଳରେ ଭାରତୀୟ ପ୍ରତିଭା ସମେତ ବହୁ ଅନ୍ତର୍ଜାତୀୟ ଖେଳାଳି ସ୍ଥାନ ପାଇବେ। ଲିଗ୍‌ରେ ୮ଟି ଯାକ ଫ୍ରା□ାଇଜ୍ ଖେଳାଳି କ୍ରୟ କରିବା ଲାଗି ମୋଟ ୪୮କୋଟି ଟଙ୍କା ବ୍ୟୟ କରିବେ। ୱାଲର୍ଡ ସୁପର କବାଡ଼ି ଲିଗ୍‌ରେ ଅଂଶଗ୍ରହଣ କରିବା ଲାଗି ଯେଉଁ ଦେଶଗୁଡ଼ିକର ଖେଳାଳିମାନେ ଆଗ୍ରହ ଦେଖାଇଛନ୍ତି, ତନ୍ମଧ୍ୟରେ ଦକ୍ଷିଣ କୋରିଆ, ଇରାନ, ଥାଇଲାଣ୍ଡ, ପାକିସ୍ତାନ, ମାଲେସିଆ, ଜାପାନ, କାନାଡା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ରହିଛି। ଏଥିରେ ଅନ୍ୟ କେତେକ ଦେଶର ଖେଳାଳି ଭାଗ ନେବେ ସେମାନଙ୍କ ସହ କଥାବାର୍ତ୍ତା ଚାଲିଛି।

### ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

# ଫାଇନାଲ୍‌ରେ ତନଭ୍ୱୀ, ଆୟୁଷ

ଲୋୱା: ସମ୍ମାନଜନକ ୟୁଏସ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଲଳନା ତନ୍ୱୀ ଶର୍ମା ଜୟଯାତ୍ରା ଜାରି ରଖି ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି । ସେହିଭଳି ପୁରୁଷ ଏକକରେ ଆୟୁଷ ସେଟ୍ଟୀ ଐତିହାସିକ ସଫଳତା ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି।

ରବିବାର ୧୬ବର୍ଷୀୟା ତନ୍ୱୀ ମହିଳା ଏକକ ସେମିଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ୟୁକ୍ରେନ୍‌ର ପୋଲିନା ବୁରୋଭାଙ୍କୁ ମାତ୍ର ୩୪ ମିନିଟ୍‌ରେ ୨୧-୧୪, ୨୧-୧୬ରେ ହରାଇଥିଲେ । ଏଥିସହ ତନ୍ୱୀ ଏହି ୟୁକ୍ରେନ୍ ଖେଳାଳିଙ୍କ ବିପକ୍ଷରେ ଦ୍ୱିତୀୟ ବିଜୟ ଅର୍ଜନ କରିବା ସହ ବିଶ୍ୱ ଟୁର୍ ଇଭେଣ୍ଟର ଫାଇନାଲ୍ ପହ□ିବାରେ ସବୁଠୁ କନିଷ୍ଠ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । ଫାଇନାଲ୍‌ରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାର ବିନେ ଝାଙ୍ଗଙ୍କୁ ଭେଟିବେ। ପୁରୁଷ ଏକକରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଆୟୁଷ କଡ଼ା ସଂଘର୍ଷ ପରେ ୨୧-୨୩, ୨୧-୧୫, ୨୧-୧୪ରେ ବିଶ୍ୱର ୬ ନମ୍ବର ଚାଇନିଜ୍ ତାଇପେର ଚେଉ ତିନ ଚେନ୍‌ଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ଆୟୁଷ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରାଏନ ୟଙ୍ଗଙ୍କୁ ଭେଟିବେ



ୟଙ୍ଗ ୨୧-୧୦, ୨୧-୧୨ରେ ଚାଇନିଜ୍ ତାଇପେର ଲିଆଓ ଝୁଓ-ଫୁଙ୍କୁ ପରାସ୍ତ ହରାଇଥିଲେ।

# ଆଉ କେହି ହୋଇପାରିବେନି କ୍ୟାପଟେନ୍ କୁଲ୍ !

ନୂଆଦିଲ୍ଲୀ,୩୦।୬: ଟିମ୍ ଇଣ୍ଡିଆର ସଫଳତମ ଅଧିନାୟକ ଏମ୍‌ଏସ୍ ଧୋନି ତାଙ୍କ ଆଇକନିକ୍ ଉପନାମ କ୍ୟାପଟେନ୍ କୁଲ ପାଇଁ ଟ୍ରେଡମାର୍କ ଦାଖଲ କରିଛନ୍ତି ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ତଥା ଚେନ୍ନାଇ ସୁପର କିଙ୍ଗସ୍‌ର ଷ୍ଟାର ଖେଳାଳି ମହେନ୍ଦ୍ର ସିଂହ ଧୋନି ତାଙ୍କର ଲୋକପ୍ରିୟ ଉପନାମ କ୍ୟାପଟେନ୍ କୁଲ ପାଇଁ ଟ୍ରେଡମାର୍କ ଦାଖଲ କରିଛନ୍ତି। ଏହି ଆବେଦନ ଜୁନ ୫ ତାରିଖରେ ଟ୍ରେଡ ମାର୍କସ ରେଜିଷ୍ଟ୍ରୀ ପୋର୍ଟାଲ ମାଧ୍ୟମରେ ଅନଲାଇନରେ ଦାଖଲ କରାଯାଇଥିଲା। ଜୁନ ୧୬ରେ କ୍ୟାପଟେନ୍ କୁଲ ଟ୍ରେଡମାର୍କଟି ଟ୍ରେଡ ମାର୍କସ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି ଏବଂ ବର୍ତ୍ତମାନ ଏହା ଅକ୍ଟୋବର ପର୍ଯ୍ୟନ୍ତ ରହିବ। ଯଦି ଏହି ସମୟ ମଧ୍ୟରେ କୌଣସି ବିରୋଧ ନଆସେ, ତେବେ ଧୋନି ଏହି ନାମର ସମ୍ପୂର୍ଣ୍ଣ ଅଧିକାର ପାଇବେ।



ପୂର୍ବତନ ଭାରତୀୟ ଅଧିନାୟକ ଏମଏସ୍ ଧୋନି 'କ୍ୟାପ୍ଟେନ କୁଲ' ଟ୍ରେଡମାର୍କ ପାଇଁ ଆବେଦନ କରିଛନ୍ତି। ଯଦି ଧୋନି ଏହି ଶବ୍ଦର ଟ୍ରେଡମାର୍କ ଅଧିକାର ପାଆନ୍ତି, ଆଉ କୌଣସି ବ୍ୟକ୍ତି କିମ୍ବା ସଂଗଠନ କ୍ୟାପ୍ଟେନ କୁଲ ଶବ୍ଦ ବ୍ୟବହାର କରିପାରିବେ ନାହିଁ। ଧୋନି ଜୁନ୍ ୫ ତାରିଖରେ ଟ୍ରେଡମାର୍କ ରେଜିଷ୍ଟ୍ରି ପୋର୍ଟାଲ୍ ମାଧ୍ୟମରେ ଅନଲାଇନରେ ଆବେଦନ କରିଛନ୍ତି। ତାଲିମ ଏବଂ ତାଲିମ କେନ୍ଦ୍ର ପାଇଁ 'କ୍ୟାପ୍ଟେନ୍ କୁଲ୍' ବ୍ୟବହାର କରିବାକୁ ସ୍ୱତନ୍ତ୍ର ଅଧିକାର ଚାହାନ୍ତି ଧୋନି । ସୂଚନା ଅନୁଯାୟୀ, ଧୋନି ଏହି ଟ୍ରେଡମାର୍କ ରିଥି ସ୍ପୋର୍ଟସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ ମାଧ୍ୟମରେ ଦାଖଲ କରିଛନ୍ତି। ଧୋନି ବିଭିନ୍ନ ରାଜ୍ୟରେ କ୍ୟାପଟେନ୍ କୁଲ ନାମକ କ୍ରିକେଟ ତାଲିମ ଓ କୋଚିଂ ସେଣ୍ଟର ଖୋଲିବାକୁ ଯୋଜନା କରୁଛନ୍ତି ।

## ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ପ୍ରଥମ ଟେଷ୍ଟ

ବୁଲୱାୟୋ,୩୦।୬: ଜିମ୍ବାୱେ ବିପକ୍ଷରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ରହିଛି ଦକ୍ଷିଣ ଆଫ୍ରିକା ତାର ପୂର୍ବଦିନର ପ୍ରଥମ ଇନିଂସ ସ୍କୋର ୪୧୮/୯ରେ ପାଳି ସମାପ୍ତି ଘୋଷଣା କରିଥିଲା। ଜବାବରେ ସିନ ୱିଲିଅମ୍ସଙ୍କ ଶତକ ସତ୍ତ୍ୱେ ଜିମ୍ବାୱେ ୨୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା ଦଳ ପକ୍ଷରୁ ୱିଲିଅମ୍ସ ସର୍ବାଧିକ ୧୩୭ ରନର ଇନିଂସ ଖେଳିଥିଲେ ଏହା ତାଙ୍କର ଷଷ୍ଠ ଟେଷ୍ଟ ଶତକ ଥିଲା ତାଙ୍କ ବ୍ୟତୀତ ଅଧିନାୟକ କ୍ରେଗ ଏର୍ଭିନ ୩୬ ରନ କରିଥିଲେ ଦ. ଆଫ୍ରିକା ପକ୍ଷରୁ ୱିଆନ ମୁଲ୍ଡର ୪ଟି ଉଇକେଟ ନେଇଥିବା ବେଳେ କୋଡି ୟୁସୁଫ ଓ କେଶବ ମହାରାଜ ୩ ଲେଖାଏ ଉଇକେଟ ନେଇଥିଲେ ।ଏଥିସହିତ ମହାରାଜ ଦକ୍ଷିଣ ଆଫ୍ରିକାର ପ୍ରଥମ ସ୍ପିନର ଭାବେ ଟେଷ୍ଟ କ୍ରିକେଟରେ ୨୦୦ ଉଇକେଟ ପୂରଣ କରିଛନ୍ତି ପ୍ରଥମ ଇନିଂସ ଭିତ୍ତିରେ ୧୬୭ ରନ୍‌ର ଅଗ୍ରଣୀ ହାସଲ କରିଥିବା ଦ. ଆଫ୍ରିକା ତାର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ୧୩ ଓଭରରେ ୧ ଉଇକେଟ କ୍ଷତିରେ ୪୯ ରନ କରିଛି ଷ୍ଟମ୍ପ ଅପସାରଣ ବେଳକୁ ଟୋନି ଡି ଜର୍ଜି ୨୨ ଓ ମୁଲ୍ଡର ୨୫ ରନରେ ବ୍ୟାଟିଂ କରୁଛନ୍ତି। ଦକ୍ଷିଣ ଆଫ୍ରିକା ହାତରେ ୯ ଉଇକେଟ ସୁରକ୍ଷିତ ରଖି ୨୧୬ ରନରେ ଆଗରେ ରହିଛି।

# ୧୭ ବର୍ଷର ଅପେକ୍ଷାର ହୋଇଥିଲା ଅନ୍ତ

ନୂଆଦିଲ୍ଲୀ,୩୦।୬: ୨୦୨୪ ଜୁନ୍ ୨୯ ତାରିଖ ମ୍ୟାଜିକାଲ୍ ଥିଲା ଗୋଟିଏ ରାତି ଯେବେ ଇତିହାସ ରଚିଥିଲା ଭାରତ ବିଦେଶରେ ଉଡ଼ିଥିଲା ତ୍ରିରଙ୍ଗା ସମସ୍ତଙ୍କ ଆଖିରେ ଥିଲା ଆନନ୍ଦର ଅଶ୍ରୁ ୧୭ ବର୍ଷ ଅପେକ୍ଷାର ଅନ୍ତ ହୋଇଥିଲା । ରୋହିତ ଶର୍ମାଙ୍କ ଟିମ୍ ଇଣ୍ଡିଆ ଜିତିଥିଲା ବିଶ୍ୱକପ୍ ଗତବର୍ଷ, ଆଜିର ଦିନରେ ଅସରନ୍ତି ସ୍ମୃତି ସହ ଘରକୁ ଆସିଥିଲା ବିଶ୍ୱକପ୍ ଟ୍ରଫି ରୋମା□କର ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ହୋଇଥିଲା ଟି-୨୦ ବିଶ୍ୱ ଚାମ୍ପିଅନ୍ ।୧୧ ବର୍ଷ ପରେ ଭାରତ କୌଣସି ଆଇସିସି ଟ୍ରଫି ଜିତିଥିଲା ।ଏହି ଦିନକୁ ଭାରତୀୟ କେବେ ଭୁଲି ପାରିବେ ନାହିଁ ଏହି ବିଜୟକୁ ବର୍ଷେ ପୂରଣ ହୋଇଛି। ସେହି ମୁହୂର୍ତ୍ତକୁ ମନେ ପକାଇଛନ୍ତି ଭାରତୀୟ ଓ କ୍ରିକେଟ ଫ୍ୟାନ୍ସ।।

ଗତବର୍ଷ ଅର୍ଥାତ ୨୦୨୪ ଆଜିର ଦିନରେ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲ ମ୍ୟାଚ ଖେଳାଯାଇଥିଲା ମୁହାଁମୁହିଁ ହୋଇଥିଲେ ଭାରତ ଓ ଦକ୍ଷିଣ ଆଫ୍ରିକା ସଂଘର୍ଷପୂର୍ଣ୍ଣ ରହିଥିଲା ଟାଇଟଲ ଲଢେଇ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ ହରାଇ ୧୭୬ ରନ୍ କରିଥିଲା ବିରାଟ କୋହଲି ଓ ଅକ୍ଷର ପଟେଲ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ ବିରାଟ ୭୬ରନ୍‌ର ପାଳି ଖେଳିଥିଲେ । ଅକ୍ଷର ପଟେଲ୍ ୪୭ ରନ୍ କରିଥିଲେ ଦକ୍ଷିଣ ଆଫ୍ରିକାକୁ ୧୭୭ ବିଜୟ ଲକ୍ଷ୍ୟ ମିଳିଥିଲା । ଶେଷ ୩୦ ବଲରେ ୩୦ ରନ୍ ଦରକାର ଥିଲା କ୍ରିଜରେ ଥିଲେ ଦୁର୍ଦ୍ଧର୍ଷ ବ୍ୟାଟର ଡେଭିଡ୍ ମିଲର ଓ ହେନରିକ୍ କ୍ଲାସେନ୍ ୧୫ ତମ୍ ଓଭରରେ ଅକ୍ଷରଙ୍କୁ ନିର୍ଦ୍ଧୁମ ପ୍ରହାର କରି କ୍ଲାସେନ୍ ୨୪ ରନ୍ କରିଥିଲେ ଭାରତ କବଜାରୁ ମ୍ୟାଚ ଖସିଯାଇଥିଲା ଯଶପ୍ରୀତ ବୁମରା ଓ ଅର୍ଶଦୀପଙ୍କ ଉପରେ ଆଶା ଥିଲା ପରବର୍ତ୍ତୀ ୪ ଓଭର ନାଟକୀୟ ମୋଡ ନେଇଥିଲା। ଦକ୍ଷିଣ ଆଫ୍ରିକା ପଞ୍ଝାରୁ ଭାରତ ମ୍ୟାଚ ଛଡାଇ ଆଣିଥିଲା ।

୧୬ତମ ଓଭରରେ ବୁମରା ମାତ୍ର ୪ରନ୍ ଦେଇଥିଲେ ୧୭ତମ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା କ୍ଲାସେନ୍‌ଙ୍କୁ ଆଉଟ୍ କରି ବାଜି ପଲଟାଇ ଦେଇଥିଲେ ୧୮ ତମ୍ ଓଭରରେ ବୁମରା ଜାନସେନ୍‌ଙ୍କୁ ଆଉଟ୍ କରିଥିଲେ । ଶେଷ ଓଭରରେ ଦକ୍ଷିଣ ଆଫ୍ରିକାକୁ ଜିତିବାକୁ ୧୬ ରନ୍ ଦରକାର ଥିଲା ଦଳ ପାଇଁ ଟ୍ରାକକୁ ଫେରିବା ଆଉ ସମ୍ଭବ ନଥିଲା । ତଥାପି ଡେଭିଡ୍ ମିଲର ଛକା ମାରିଥିଲେ ଲଙ୍ଗଅନ୍‌ରେ ଫିଲ୍ଡିଂ କରୁଥିବା ସୂର୍ଯ୍ୟକୁମାର ଧରିଥିଲେ ଅବିଶ୍ୱସନୀୟ କ୍ୟାଚ । ବାଉଣ୍ଡରୀ ଲାଇନ୍‌ରେ କ୍ୟାଚଟିକୁ ଚୋରାଇ ଆଣିଥିଲେ ସୂର୍ଯ୍ୟ ବୁମରା, ପାଣ୍ଡ୍ୟା ଓ ଅର୍ଶଦୀପଙ୍କ ଘାତକ ବୋଲିଂ ବଳରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଟି-ଟ୍ୱେଣ୍ଟି ବିଶ୍ୱକପ ଚାମ୍ପିଅନ୍ ହୋଇଥିଲ ଭାରତ। ଆଉ ତାପରେ କ୍ରିକେଟରଙ୍କଠୁ ନେଇ ଫ୍ୟାନ୍ସଙ୍କ ଆଖିରେ ଥିଲା ବିଜୟର ଲୁହ ।

୩ କିମ୍ବଦନ୍ତୀଙ୍କ ସନ୍ନ୍ୟାସ- ଟି-୨୦ ବିଶ୍ୱକପ ବିଜୟ ସହ ୩ କ୍ରିକେଟ କିମ୍ବଦନ୍ତୀ ସନ୍ନ୍ୟାସ ନେଇଥିଲେ ବିଶ୍ୱବିଜୟୀ ହେବା ପରେ ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡ଼େଜା ଟି-୨୦ ଫର୍ମାଟରୁ ଅବସର ଘୋଷଣା କରିଥିଲେ ସେହିପରି ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ଜୀବନରେ ଏହା ଥିଲା ପ୍ରଥମ ବିଶ୍ୱକପ୍ ଟ୍ରଫି ଖେଳିବା ସମୟରେ ବିଶ୍ୱକପ ଟ୍ରଫି ଜିତିବାର ସୌଭାଗ୍ୟ ମିଳିନଥିଲା ହେଲେ କୋଚ୍ ଭାବରେ ସେହି ସ୍ୱପ୍ନ ସାକାର ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ପରେ କୋଚ୍ ଭାବେ ଟିମ୍ ଇଣ୍ଡିଆରୁ ବିଦାୟ

# ଏସିଆ କପ୍ ପାଇଁ ଖୁବଶୀଘ୍ର ଆସିପାରେ ତାରିଖ

ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଭିତରେ ଏସିଆ କପ୍ ୨୦୨୫ ଅନୁଷ୍ଠିତ ହେବ କି ନାହିଁ ତାହା ସନ୍ଦେହ ଥିଲା। ପୂର୍ବରୁ ରିପୋର୍ଟ ଆସିଥିଲା ଯେ ଭାରତ ଏସିଆ କପରେ ଅଂଶଗ୍ରହଣ କରିବାକୁ ମନା କରିଛି, ଯଦିଓ ବିସିସିଆଇ ସଚିବ ଏହି ସମସ୍ତ ରିପୋର୍ଟକୁ ଖଣ୍ଡନ କରିଥିଲେ ଏବେ ଏସିଆ କପ୍ ୨୦୨୫ର ସମ୍ଭାବ୍ୟ ତାରିଖ ସାମ୍ନାକୁ ଆସିଛି କ୍ରିକବଜର ରିପୋର୍ଟ ଅନୁଯାୟୀ, ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବରରେ ଆୟୋଜିତ ହୋଇପାରେ। ଭାରତ ଏବଂ ପାକିସ୍ତାନ ସମେତ ମୋଟ ୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଏବେ ଦେଖିବାକୁ ବାକି ରହିଲା ଯେ ଭାରତ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳୁଛି କି ନାହିଁ ।




କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ଏସିଆ କପ୍ ୨୦୨୫ ସେପ୍ଟେମ୍ବର ୧୦ରୁ ଆରମ୍ଭ ହୋଇପାରେ ଏବଂ ଜୁଲାଇ ପ୍ରଥମ ସପ୍ତାହରେ କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶ ପାଇବାର ସମ୍ଭାବନା ଅଛି ଆପଣଙ୍କୁ ଜଣାଇ ଦେଉଛୁ ଯେ, ଭାରତ ଏସିଆ କପ୍ ୨୦୨୫ ଆୟୋଜନ କରୁଛି ଯଦି ଭାରତ ଏବଂ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହୁଅନ୍ତି, ତେବେ ମ୍ୟାଚ୍ ଏକ ନିରପେକ୍ଷ ସ୍ଥାନରେ ଅନୁଷ୍ଠିତ ହେବ ।

ଏସୀୟ କ୍ରିକେଟ ପରିଷଦ (ଏସିସି) ଜୁଲାଇ ପ୍ରଥମ ସପ୍ତାହରେ ଏହି ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ପ୍ରକାଶ କରିବାକୁ ଯୋଜନା କରୁଛି। ଚଳିତ ବର୍ଷ, ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ । ଯଦି ସବୁକିଛି ଯୋଜନା ଅନୁଯାୟୀ ହୁଏ, ତେବେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଏବଂ ୟୁଏଇ ଦଳ ୨୦୨୫ ଏସିଆ କପରେ ଅଂଶଗ୍ରହଣ କରିବେ ୟୁଏଇ ନିରପେକ୍ଷ ସ୍ଥାନରେ ଖେଳାଯିବାକୁ ଥିବା ମ୍ୟାଚ୍ ଆୟୋଜନ ଦୌଡ଼ରେ ଆଗୁଆ ରହିଛି।

ଯଦି ଭାରତ ପାକିସ୍ତାନ ମ୍ୟାଚ ବାହାରେ ଅନୁଷ୍ଠିତ ହୁଏ। ତେବେ ୟୁଏଇକୁ ପ୍ରଥମ ବିକଳ୍ପ ଭାବେ ଦେଖାଯାଇପାରେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ହାଇବ୍ରିଡ୍ ମଡେଲରେ ଏସିଆ କପ୍ ଆୟୋଜନ କରିବା ଚର୍ଚ୍ଚା ହେଉଛି । ଯଦିଓ ଭାରତ ଆୟୋଜକ, ଏସିସି ପୂର୍ବରୁ ନିଷ୍ପତ୍ତି ନେଇଥିଲା ଯେ ଯେତେବେଳେ ଭାରତ ଏବଂ ପାକିସ୍ତାନର ପାଳି ଆସିବ, ସେମାନଙ୍କର ମ୍ୟାଚ୍ ନିରପେକ୍ଷ ସ୍ଥାନରେ ଅନୁଷ୍ଠିତ ହେବ ।

ଏସିଆ କପର ଶେଷ ସଂସ୍କରଣ ୨୦୨୩ ମସିହାରେ ଶ୍ରୀଲଙ୍କା ଏବଂ ପାକିସ୍ତାନରେ ଅନୁଷ୍ଠିତ ହୋଇଥିଲା ଆଉ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ତାର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିଥିଲା ଏଥିରେ ଭାରତ ଏବଂ ଶ୍ରୀଲଙ୍କା ଫାଇନାଲରେ ପହଞ୍ଚିଥିଲେ, ଯେଉଁଠାରେ ଟିମ୍ ଇଣ୍ଡିଆ ୧୦ ୱିକେଟରେ ବିଜୟୀ ହୋଇ ୮ମ ଥର ପାଇଁ ଟାଇଟଲ ଜିତିଥିଲା ।

ଏସିଆ କପରେ ଭାରତ ସର୍ବାଧିକ ୮ଥର ଚାମ୍ପିୟନ ହୋଇଥିବା ବେଳେ ଶ୍ରୀଲଙ୍କା ୬ ଓ ପାକିସ୍ତାନ ୨ ଥର ବିଜେତା ବନିଛି। ଏସିଆ କପ ପାଇଁ ଏବେ ଯାଏଁ ହାଇବ୍ରିଡ୍ ମଡେଲରେ ଖେଳ ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଥିବାରୁ ଦେଖିବା ବାକି ରହିଲା ପାକିସ୍ତାନ ଭାରତ ଆସୁଛି ନା ନାହିଁ ।

# ଯଶ ଦୟାଲଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଲେ ଯୁବତୀ, ୟୁପି ମୁଖ୍ୟମନ୍ତ୍ରୀଙ୍କୁ ମାଗିଲେ ସାହାଯ୍ୟ

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗରୁ ଲୋକପ୍ରିୟତା ପାଇଥିବା ଭାରତୀୟ କ୍ରିକେଟର ଯଶ୍ ଦୟାଲ୍ ବିବାଦରେ ଫସିଛନ୍ତି ଆଇପିଏଲ୍ ୨୦୨୫ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଚାମ୍ପିଅନ୍ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯଶ୍ ଦୟାଲଙ୍କ ବିରୋଧରେ ଜଣେ ମହିଳା ଯୌନ ଶୋଷଣ, ହିଂସା ଏବଂ ଠକେଇର ଅଭିଯୋଗ ଆଣିଛନ୍ତି ପୀଡିତା ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ଏହି ବାମହାତୀ ଦ୍ରୁତ ବୋଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ପୀଡିତା ଏହି ମାମଲାରେ ନ୍ୟାୟ ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟ ପୁଲିସକୁ ଆବେଦନ କରିଛନ୍ତି ଯଶ ଦୟାଲ ଘରୋଇ କ୍ରିକେଟରେ ଉତ୍ତରପ୍ରଦେଶ ପାଇଁ ଏବଂ ଆଇପିଏଲରେ ବେଙ୍ଗାଲୁରୁ ପାଇଁ ଖେଳୁଛନ୍ତି ସେ ନିକଟ ଅତୀତରେ ଏହି ଲିଗରୁ ବହୁତ ପ୍ରସିଦ୍ଧି ଅର୍ଜନ କରିଛନ୍ତି ଗତ ବର୍ଷ ତାଙ୍କୁ ପ୍ରଥମ ଥର ପାଇଁ ଭାରତର ଟି-୨୦ ଦଳରେ ସାମିଲ କରାଯାଇଥିଲା ସେ ଭାରତ ଏ ଦଳ ପାଇଁ କିଛି ମ୍ୟାଚ୍ ମଧ୍ୟ ଖେଳିଛନ୍ତି ଜୁନ୍ ରେ ଦୟାଲ ଆରସିବିକୁ ଆଇପିଏଲ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ କିନ୍ତୁ ବର୍ତ୍ତମାନ ତାଙ୍କ ବିରୋଧରେ ଆସିଥିବା ସଙ୍ଗୀନ ଅଭିଯୋଗ ଦୟାଲଙ୍କ ସଫଳତାର ଚମକକୁ ଫିକା କରି ଦେଇପାରେ

ପୀଡିତା ହେଲ୍ପଲାଇନ୍ ପୋର୍ଟାଲରେ ତାଙ୍କର ଅଭିଯୋଗ ଦାଖଲ କରିଛନ୍ତି ଏହାର ସ୍କ୍ରିନସଟ୍ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ମହିଳା ଜଣଙ୍କ ଏହି ପୋଷ୍ଟରେ ଦୟାଲଙ୍କ ସହିତ ତାଙ୍କର ଫଟୋ ମଧ୍ୟ ସେୟାର କରିଥିବା ଦେଖିବାକୁ ମିଳିଛି ମହିଳା ଜଣଙ୍କ ଦାବି କରିଛନ୍ତି ଯେ, ସେ ଗତ ୫ ବର୍ଷ ଧରି କ୍ରିକେଟରଙ୍କ ସହ ସମ୍ପର୍କରେ ଥିଲେ। କିନ୍ତୁ ସଂପୃକ୍ତ କ୍ରିକେଟର ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ମାନସିକ ଏବଂ ଶାରୀରିକ ଶୋଷଣ କରିଥିଲେ।କ୍ରିକେଟର ତାଙ୍କ ପରିବାର ସହ ତାଙ୍କୁ ପରିଚିତ କରାଇଥିଲେ ଏବଂ ଭବିଷ୍ୟତର ବୋହୂ ବୋଲି କହିଥିଲେ ପରବର୍ତ୍ତୀ ସମୟରେ ସେ ଠକି ଦେଇଛନ୍ତି ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି ସେହିଭଳି ଯଶ ଦୟାଲ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଛନ୍ତି ଅନ୍ୟ ଯୁବତୀମାନଙ୍କ ସହ ମଧ୍ୟ ସେ ସଂପର୍କ ରଖିଥିବା ନେଇ ପୋଷ୍ଟରେ କହିଛନ୍ତି ପୀଡ଼ିତା ସେପଟେ ଏଭଳି ଅଭିଯୋଗ ଉପରେ କ୍ରିକେଟର ଯଶ ଦୟାଲଙ୍କ ପ୍ରତିକ୍ରିୟା ମିଳିନାହିଁ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ